କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ନିଷ୍ପତ୍ତି

# ଯଥାର୍ଥ ପଦକ୍ଷେପ: ବାଚସ୍ପତି; ଦୁର୍ଭାଗ୍ୟପୂର୍ଣ୍ଣ: ବିଜେଡି

## 'ମାର୍ଶାଲଙ୍କୁ ମାଡ଼ ମାରିଛନ୍ତି କଂଗ୍ରେସ ସଦସ୍ୟ'

ଭୁବନେଶ୍ୱର,୨୬।୩(ସମିସ): ସାତ ତାରିଖ ପରଠାରୁ ପ୍ରତିଦିନ ଗୃହରେ ବିଶୃଙ୍ଖଳା ହେଉଛି। ସବୁ ଉଦ୍ୟମ ସତ୍ତ୍ୱେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରୁନାହିଁ। ବିରୋଧୀ ସଦସ୍ୟମାନଙ୍କୁ ଯେତେ ନିବେଦନ କରାଗଲେ ମଧ୍ୟ ସେମାନେ ସହଯୋଗ କଲେ ନାହିଁ। ସେଥିପାଇଁ କଂଗ୍ରେସର ୧୨ ଜଣ ସଦସ୍ୟଙ୍କୁ ୭ଟି କାର୍ଯ୍ୟଦିବସ ପାଇଁ ନିଲମ୍ବନ କରାଗଲା। ଗତକାଲି ରାତିରେ କଂଗ୍ରେସ ସଦସ୍ୟମାନେ ହିଂସାତ୍ମକ ଆଚରଣ ପ୍ରଦର୍ଶନ କଲେ। ଏ ସମ୍ପର୍କରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବାଚସ୍ପତି ସୁରମା ପାଢ଼ୀ ଆଜି ଗୃହରେ ବିବୃତ୍ତି ରଖିଛନ୍ତି।

କଂଗ୍ରେସ୍ ସଦସ୍ୟଙ୍କ ନିଲମ୍ବନ ଓ ପରବର୍ତ୍ତି ଘଟଣା ଉପରେ ବିବୃତ୍ତି ରଖି ବାଚସ୍ପତି କହିଛନ୍ତି ଯେ ଗୃହ କାର୍ଯ୍ୟରେ ଅସହଯୋଗ କରି ତୂରୀ, ବଂଶୀ ଆଦି ବ୍ୟାଦ୍ୟଯନ୍ତ୍ର ବଜାଇବା, କଳା ପୋଷାକ ପରିଧାନ କରି ହାତରେ ପୋଷ୍ଟର, ପ୍ଲାକାର୍ଡ ଧରି ଗୃହର ମଧ୍ୟ ଭାଗରେ ପ୍ରଦର୍ଶନ କରିବା ଶୋଭନୀୟ ନୁହେଁ। ଗୃହର ସୁପରିଚାଳନା ପାଇଁ ଚାରି ଦିନ ସର୍ବଦଳୀୟ ବୈଠକ ଡକାଇ ଆଲୋଚନା କରାଯାଇଥିଲା। ଏହା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ଜାଣିଶୁଣି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କଲେ। ୨୫ ତାରିଖ ଦିନ କଂଗ୍ରେସ୍ ବିଧାୟକ ଦଳର ନେତା ଓ ସଦସ୍ୟଙ୍କ ଆଚରଣରେ ପରିବର୍ତ୍ତନ ନ ଆସିବାରୁ ୧୨ ଜଣଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବନ ପରେ ଗୃହ ପରିତ୍ୟାଗ ନ କରି ସେମାନେ ଗୃହ ମଧ୍ୟରେ ଧାରଣା ଦେଇ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିଲେ। ମୋର ନିର୍ଦ୍ଦେଶ ଅନୁସାରେ ବିଧାନସଭାର ମର୍ଶାଲ ମାନେ ସେମାନଙ୍କୁ ଗୃହ ପରିତ୍ୟାଗ କରିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ସେମାନେ ବିଧାନସଭା ଛାଡ଼ିଲେ ନାହିଁ। ସେମାନେ ଗୃହରେ ଅହୋରାତ୍ର ଧାରଣାରେ ବସିଥିବା ଜାଣି ମୁଁ ସେମାନଙ୍କ ସୁରକ୍ଷା ଓ ସବୁ ପ୍ରକାର ବନ୍ଦୋବସ୍ତ କରିବା ନିମନ୍ତେ ବିଧାନସଭା ସଚିବାଳୟକୁ ନିର୍ଦ୍ଦେଶ ଦେଇଥିଲି। କିନ୍ତୁ ରାତି ୯ଟା ବେଳକୁ କଂଗ୍ରେସ୍ ବିଧାୟକମାନେ ବିଧାନସଭା ବାରଣ୍ଡାକୁ ଆସି ତାଙ୍କର ପିଏସଓ ଓ ପୂର୍ବରୁ ଉପସ୍ଥିତ ଥିବା କର୍ମୀମାନଙ୍କ ସହ ମିଶି ମର୍ଶାଲ ଓ ସୁରକ୍ଷାକର୍ମୀମାନଙ୍କୁ ଆକ୍ରମଣ କଲେ। ସେମାନେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। କଂଗ୍ରେସ୍ ବିଧାୟକମାନଙ୍କ ଏତାଦୃଶ ହିଂସାତ୍ମକ ଆଚରଣକୁ ଦେଖି ସେମାନଙ୍କୁ ଗୃହ ମଧ୍ୟରୁ ବାହାରକୁ ଆଣିବା ପାଇଁ ମର୍ଶାଲ ଓ ସୁରକ୍ଷାକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରେ କେତେକ ସଦସ୍ୟମାନଙ୍କୁ ଗୃହ ଭିତରୁ ଉଠାଇ ଆଣି ସସମ୍ମାନେ ବାହାରେ ଛାଡ଼ି ଦିଆଯାଇଥିଲା ଏବଂ ଅନ୍ୟ ସଦସ୍ୟମାନେ ସ୍ୱତଃପ୍ରବୃତ୍ତ ଭାବେ ବିଧାନସଭା ବାହାରକୁ ଚାଲିଯାଇଥିଲେ ବୋଲି ସେ କହିଛନ୍ତି।

## 'ଗୃହର ମର୍ଯ୍ୟାଦା ହାନୀ ହୋଇଛି'

ଭୁବନେଶ୍ୱର,୨୬।୩(ସମିସ): ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ ପାଇଁ ବିଧାୟକମାନଙ୍କୁ ସୁଯୋଗ ଦିଆଯାଉ ନାହିଁ। ପୁଲିସ ବିଧାୟକମାନଙ୍କୁ କଦର୍ଯ୍ୟ ବ୍ୟବହାର ପ୍ରଦର୍ଶନ କରୁଛି। ବିଧାନସଭାରେ ବାହାର ଲୋକ ପଶି ଯାଉଛନ୍ତି। ସମ୍ବିଧାନ ପ୍ରଣେତାଙ୍କୁ ସମ୍ମାନ ପ୍ରଦାନ କରିବା ଅଧିକାର ମଧ୍ୟ ବିଧାୟକମାନଙ୍କ ଠାରୁ ଛଡ଼ାଇ ନିଆଯାଉଛି। ବିଧାନସଭାରେ ପଶିବାକୁ ଦିଆଯାଉନି କିମ୍ବା ବାହାରିବାକୁ ଦିଆଯାଉନି। ବିନା ବିରୋଧୀ ଦଳରେ ସରକାର ଗୃହ ଚଳାଇବା ପାଇଁ ଚାହୁଁଛନ୍ତି। ଏହା ବିରଳ ଘଟଣା, ପୂର୍ବରୁ ଏମିତି କେବେ ହୋଇନଥିଲା। ଏତେ ବଡ଼ ଘଟଣାକୁ ନେଇ ବାଚସ୍ପତି ଗୃହରେ ଯେଉଁ ବିବୃତ୍ତି ରଖିଲେ ତାହା ଅସମ୍ପୂର୍ଣ୍ଣ ବୋଲି କହିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ଏହା ପରେ ବିଜେଡି ସଦସ୍ୟମାନେ ସ୍ୱରାଷ୍ଟ୍ର ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବିରେ ଅଂଶଗ୍ରହଣ ନ କରି କକ୍ଷତ୍ୟାଗ କରିଛନ୍ତି।

ବିଧାନସଭାରେ ବାଚସ୍ପତିଙ୍କ ବିବୃତ୍ତି ଉପରେ ମନ୍ତବ୍ୟ ରଖି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଏହା ସମସ୍ତଙ୍କ ଗୃହ। ଯଦି ଗୋଟିଏ ପକ୍ଷ ଗୃହରେ ଅନୁପସ୍ଥିତ ରହିବେ ତା ହେଲେ ଗୃହକୁ ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ। ଶାନ୍ତି ଶୃଙ୍ଖଳାର ସହ ଗୃହ କାର୍ଯ୍ୟ ପରିଚାଳନା ପାଇଁ ସମସ୍ତଙ୍କର ସହଭାଗିତା ଏକାନ୍ତ ଆବଶ୍ୟକ; କିନ୍ତୁ ସେପରି କିଛି ଦେଖିବାକୁ ମିଳିଲାନି। ବାହାର ଲୋକ ଆସି ବିଧାନସଭା ଭିତରେ ପଶିଲେ। ଏହି ପବିତ୍ର ଗୃହର ମର୍ଯ୍ୟାଦା ନଷ୍ଟ ହେଲା। ବିଧାୟକମାନେ ହେଉଛନ୍ତି ନିର୍ବାଚିତ ଜନପ୍ରତିନିଧି। କିନ୍ତୁ ବିଧାୟକମାନଙ୍କୁ ବିଧାନସଭା ପ୍ରବେଶ ଅନୁମତି ମିଳୁନାହିଁ, ଯେଉଁ ବିଧାୟକମାନେ ଭିତରେ ଅଛନ୍ତି ସେମାନେ ବାହାରକୁ ଯାଇପାରୁ ନାହାନ୍ତି। ବିଜୁ ଜନତା ଦଳ ବାରମ୍ବାର ଓବିସି, ଅନୁସୂଚିତ ଜାତି ଓ ଜନଜାତି ନାଗରିକଙ୍କ ଅଧିକାର ପାଇଁ ସ୍ୱର ଉଠାଇଛି। ଗତକାଲି ଓ ଆଜି ମଧ୍ୟ ସମାନ ପ୍ରସଙ୍ଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଉଦ୍ୟମ କରିଛୁ। ବାବାସାହେବ ଆମ୍ବେଦକର ଆଜି ବି ପଛୁଆ ବର୍ଗଙ୍କ ପ୍ରତିନିଧିତ୍ୱ କରନ୍ତି। ଆଜି ଆମେ ତାଙ୍କୁ ସମ୍ମାନ ଦେବା ପାଇଁ ଯିବା ବେଳେ ପୁଲିସ ଆମକୁ ବଳପୂର୍ବକ ଅଟକାଇଲା। ବିଧାୟକମାନଙ୍କ ପ୍ରତି ପୁଲିସ ଖରାପ ବ୍ୟବହାର କରିବାକୁ ପଛାଇଲା ନାହିଁ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍ ଅନ୍ୟ ବିଧାୟକ ଆହତ ହେଲେ। ବିଧାନସଭା ଭିତରେ ଓ ବାହାରେ ପୁଲିସ ସହ ବିଧାୟକଙ୍କ ଧସ୍ତାଧସ୍ତି ହେଲା। ସରକାର କହିଲେ ବିଏନ୍ଏସ୍ ୧୬୩ ଧାରା ଲାଗୁ କରାଯାଇଛି; କିନ୍ତୁ ଏହି ଧାରା କ'ଣ ବିଧାନସଭା ପାଇଁ ପ୍ରଯୁଜ୍ୟ କି? ସମ୍ବିଧାନ ପ୍ରଣେତାଙ୍କୁ କଣ ଆମର ସମ୍ମାନ ଦେବାର ଅଧିକାର ନାହିଁ? ବାଚସ୍ପତିଙ୍କ ଅଧା ବିବୃତ୍ତିକୁ ବିଜୁ ଜନତା ଦଳ ସମର୍ଥନ କରିବ ନାହିଁ ବୋଲି ଉଲ୍ଲେଖ ଶ୍ରୀ ଆଚାର୍ଯ୍ୟ ଓ ଅନ୍ୟ ବିଜେଡି ସଦସ୍ୟମାନେ ଗୃହତ୍ୟାଗ କରିଥିଲେ।

■ ବିଧାନସଭା ଘେରାଉକୁ ସଫଳ କରିବାକୁ ଅଭିନବ ଉଦ୍ୟମ

## ସ୍ୱତନ୍ତ୍ର ଟି-ସାର୍ଟ ପିନ୍ଧି ଚା' ଖଟିରେ କଂଗ୍ରେସ ବିଧାୟକ




ଭୁବନେଶ୍ୱର,୨୬।୩(ସମିସ): ଓଡ଼ିଶା ବିଧାନସଭାରୁ ନିଲମ୍ବିତ ହୋଇଥିବା କଂଗ୍ରେସ ବିଧାୟକମାନେ ବୁଧବାର ସନ୍ଧ୍ୟାରେ ବିଭିନ୍ନ ଚା' ଖଟିରେ ବୁଲିବୁଲି ଘେରାଉକୁ ସଫଳ କରିବାକୁ ଅଭିନବ ଉଦ୍ୟମ କରିଛନ୍ତି । ଏହି ଅବସରରେ ସେମାନେ 'ନିଲମ୍ବିତ ବିଧାୟକ। ଓଡ଼ିଶାର ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନ କରିବା ଆମର ଅପରାଧ' ଲେଖାଥିବା ସ୍ୱତନ୍ତ୍ର ଟି ସାର୍ଟ ପରିଧାନ କରିଥିବା ଦେଖାଯାଇଛି। ସନ୍ଧ୍ୟା ସାଢ଼େ ୬ଟା ସମୟରେ ହୋଟେଲ ମେ ଫେୟାର ସମ୍ମୁଖରେ ଥିବା ଦୋକାନରେ ଚା'ପିଇବା ସମୟରେ ସେ ଅନ୍ୟମାନଙ୍କୁ ଆସନ୍ତାକାଲି ବିଧାନସଭା ଘେରାଉ ସମ୍ପର୍କରେ ଅବଗତ କରିଛନ୍ତି ।

## ୩ବର୍ଷରେ ରାଜ୍ୟକୁ ୧୬ ମାଧ୍ୟମିକ ଓ ୮ କେନ୍ଦ୍ରୀୟ ବିଦ୍ୟାଳୟ

ଭୁବନେଶ୍ୱର,୨୬।୩ (ସମିସ): ସମଗ୍ର ଶିକ୍ଷା ଅଧୀନରେ ଭାରତ ସରକାର ଓଡ଼ିଶା ପାଇଁ ୧୬ ମାଧ୍ୟମିକ ଓ ୮ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ଲାଗି ଅନୁମୋଦନ ଦେଇଛନ୍ତି। ଓଡ଼ିଶାରେ ମହିଳା ସାକ୍ଷରତା ହାର ଓ ନାମଲେଖା ବୃଦ୍ଧି ସଂକ୍ରାନ୍ତରେ କି ପଦକ୍ଷେପ ନିଆଯାଛି ବୋଲି ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ପ୍ରଶ୍ନରେ ଏହି ତଥ୍ୟ ରଖିଛନ୍ତି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ। ମନ୍ତ୍ରୀ କହିଛନ୍ତି ଯେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ୨୦୧୮-୧୯ ବର୍ଷରୁ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା କାର୍ଯ୍ୟକାରୀ କରୁଛି। ଓଡ଼ିଶାରେ ଗତ ତିନି ବର୍ଷରେ ଦୁଇଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଛି। ଓଡ଼ିଶାରେ ମହିଳା ସାକ୍ଷରତା ହାର ଓ ନାମଲେଖା ବୃଦ୍ଧି ପାଇଁ ଉଚ୍ଚ ମାଧ୍ୟମିକସ୍ତର ପର୍ଯ୍ୟନ୍ତ ଝିଅମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ କରାଯାଉଛି। ରାଜ୍ୟରେ ୩୪୨ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ରହିଛି। ଯେଉଁଠାରେ ମାଗଣା ଆବାସ ଓ ଖାଦ୍ୟ ଆଦି ସୁବିଧା ସହିତ ଶିକ୍ଷା ଏବଂ ନିର୍ଦ୍ଦିଷ୍ଟ ଦକ୍ଷତା ତାଲିମ ପ୍ରଦାନ କରାଯାଉଛି। ଖୁସି ଯୋଜନା ଅଧୀନରେ ଝିଅମାନଙ୍କୁ ମାଗଣା ସାନିଟାରୀ ନାପକିନ ପ୍ରଦାନ କରାଯାଉଛି। ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ବିଶେଷକରି ଆଦିବାସୀ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପରିଚିତ କରାଇବା ପାଇଁ ୧୭ଜିଲ୍ଲାର ୧୪୮୩ ବିଦ୍ୟାଳୟରେ ୨୧ଟି ଭାଷାରେ ବହୁଭାଷୀ ଶିକ୍ଷା କାର୍ଯ୍ୟକାରୀ ହୋଇଛି। ଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଓ ପ୍ରଦର୍ଶନ ପାଇଁ ଏମ୍ଇଏଲ୍ ଜିଲ୍ଲାଗୁଡ଼ିକରେ ଆଦିବାସୀ ସମ୍ପଦ କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ପିଏମଏମ୍ଏସୱାଇରେ ୧୧,୩୧,୮୫୭ ମତ୍ସ୍ୟଜୀବୀ

ଭୁବନେଶ୍ୱର,୨୬।୩ (ସମିସ): ରାଜ୍ୟରେ ଏନ୍ଏଫ୍ଡିବି ୱେଲ୍ଫେୟାର ବୋର୍ଡରେ କେତେ ମତ୍ସ୍ୟଜୀବୀ ପଞ୍ଜିକୃତ ଅଛନ୍ତି। ମତ୍ସ୍ୟଜୀବୀଙ୍କ ସାମାଜିକ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ରାଜ୍ୟସଭାରେ ପ୍ରଶ୍ନ କରିଛନ୍ତି ସାଂସଦ ମାନସ ମଙ୍ଗରାଜ। ଏହାର ଉତ୍ତରରେ କେନ୍ଦ୍ର ମତ୍ସ୍ୟ, ପଶୁସମ୍ପଦ ମନ୍ତ୍ରୀ ଜର୍ଜ କୁରିଆନ୍ ଓଡ଼ିଶା ସରକାରଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ପିଏମଏମଏସୱାଇରେ ମୋଟ ୧୧,୩୧,୮୫୭ ମତ୍ସ୍ୟଜୀବୀ ବାର୍ଷିକ ଭାବେ ବୀମାକୃତ ହୋଇଥିବା ତଥ୍ୟ ରଖିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ୭୯ଟି କ୍ଲେମ୍ ପ୍ରସ୍ତାବ ମଧ୍ୟରୁ ୪୯ ପ୍ରସ୍ତାବକୁ ୨୩୧ଲକ୍ଷ ଟଙ୍କାରେ ସମାଧାନ ହୋଇଛି। ଆଠଟି ଉପକୂଳୀୟ ମତ୍ସ୍ୟଜୀବୀ ଗାଁ (ସିଆରସିଏଫଭି) କୁ ୧୬.୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଅନୁମୋଦିତ କରାଯାଇଛି। ମତ୍ସ୍ୟ ଧରା କାର୍ଯ୍ୟ ନିଷେଧ ସମୟରେ ୧୨,୦୦୦ ମତ୍ସ୍ୟଜୀବୀଙ୍କ ପାଇଁ ଜୀବିକା ଏବଂ ପୋଷଣ ସହାୟତା ବାର୍ଷିକ ୫.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ମହାନଦୀର ନଦୀ ବ୍ୟବସ୍ଥାରେ ୩୧୬ ଲକ୍ଷ ଫିଙ୍ଗରଲିଙ୍ଗ୍ସ ରାଞ୍ଚି ପାଇଁ ୯.୫୦ କୋଟି ଟଙ୍କାର ଆର୍ଥିକ ସହାୟତା ଓଡ଼ିଶା ରାଜ୍ୟକୁ ପ୍ରଦାନ କରାଯାଇଛି। ରାଜ୍ୟରେ ମତ୍ସ୍ୟଜୀବୀ ଓ ମତ୍ସ୍ୟଜୀବୀଙ୍କ ପାଇଁ ବ୍ୟବସାୟ ମଡେଲର ବିକାଶ କରିବା ପାଇଁ ଏନ୍ଏଫ୍ବି ୩ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ (ଏଫଏଫପିଓ) ଗଠନ କରିଛି ବୋଲି ଡ଼. କୁରିଆନ କହିଛନ୍ତି।

ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ପାରିତ

## ରାଜ୍ୟରେ ଆଇନ୍ ଶୃଙ୍ଖଳା ସ୍ଥିତି ଶାନ୍ତିପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ

■ ରାଜ୍ୟରେ ପ୍ରତିଷ୍ଠା ହେବ ଓଡ୍ରାଫ୍‌ର ଆଉ ୧୦ ୟୁନିଟ୍
■ ପୁଲିସ ଓ ସୁରକ୍ଷା ବଳକୁ କରାଯିବ ଅଧିକ ଶକ୍ତିଶାଳୀ

ଭୁବନେଶ୍ୱର,୨୬।୩(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ଅଛି। ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସଦଭାବ ବଜାୟ ରହିଛି। ସମୟୋପଯୋଗୀ ଗୁଇନ୍ଦା ତଥ୍ୟ, ପୁଲିସର ଆଗୁଆ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜି ନାହିଁ। ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡା ପଥର ଚୋରା କାରବାର କରୁଥିବା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଆଜି ବିଧାନସଭାରେ ସ୍ୱରାଷ୍ଟ୍ର ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ମହିଳା , ଶିଶୁ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ବିରୋଧରେ ଘଟୁଥିବା ଅପରାଧର ତୁରନ୍ତ ସମାଧାନ ଏବଂ ଦ୍ୱରିତ ବିଚାର ପ୍ରକ୍ରିୟା ମାଧ୍ୟମରେ ଦୋଷୀକୁ କଠୋର ଦଣ୍ଡବିଧାନ କରିବାକୁ ଆମ ସରକାର ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଛନ୍ତି। ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ନିରାକରଣ ପାଇଁ ଆମ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରି ଆମ ସରକାର ଶପଥ ଗ୍ରହଣ କରିବା ପରଠାରୁ ଅଦ୍ୟାବଧି ମୋଟ ୩୧୨ ଜଣଙ୍କ ବିରୋଧରେ ୧୭୩ଟି ମାମଲା ରୁଜୁ କରାଯାଇଛି ଓ୧୫୬ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହି ସମୟ ମଧ୍ୟରେ, ୨୯୭ ଟି ମାମଲାରେ ତଦନ୍ତ ଶେଷ କରାଯାଇ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି। ସେହିପରି ୮୨ଟି ମାମଲାରେ ସମୁଦାୟ୧୨୩ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ୯୭ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ୫୩ ଟି ମକଦ୍ଦମା ରୁଜୁ କରାଯାଇ ପ୍ରାୟ ୧୩୧ କୋଟି ୯୦ ଲକ୍ଷ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଭିଜିଲାନ୍ସ ନିର୍ଦ୍ଦେଶାଳୟକୁ ସଶକ୍ତ କରିବାପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୧୩୩ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟ ବରାଦ ପ୍ରଶାସନିକ ଖର୍ଚ୍ଚ ବାବଦରେ କରାଯାଇଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ରାଜ୍ୟରେ ଦେଖା ଦେଇଥିବା ଟ୍ରାଫିକ ସମସ୍ୟାକୁ ସୁଧାରିବାକୁ ଟ୍ରାଫିକ ପୁଲିସରେ ଅତିରିକ୍ତ ୨୦୦୦ ଗୋଟି ପଦବୀ ସୃଷ୍ଟି କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ୍ରାଫ୍‌ରେ ୨୦ଟି ୟୁନିଟ୍ ଥିବା ବେଳେ ଆଉ ୧୦ଟି ସୃଷ୍ଟି କରାଯିବ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୂଚାରୁରୂପେ ମୁକାବିଲା କରିବା ପାଇଁ ଆମ ସରକାର ସଦାସର୍ବଦା ଉଦ୍ୟମ ଜାରି ରଖିଛନ୍ତି। ଏଥିପାଇଁ ପୁଲିସ ବିଭାଗକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ଅଧିକ ଆଇଆର ବାଟାଲିୟନ ଏବଂ ଓଆଇଏସଏଫ ବାଟାଲିୟନ ପ୍ରତିଷ୍ଠା କରିବାକୁ ସରକାର ବିଚାର କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସରକାରଙ୍କ ଅପାରଗତାର ମୁଖା ଖୋଲିଛି ଶ୍ୱେତପତ୍ର: ରଣେନ୍ଦ୍ର

ଭୁବନେଶ୍ୱର,୨୬।୩(ସମିସ): ବିଧାନସଭା ଓ ଏହାର ପରିସରରେ ଆଇନ ଶୃଙ୍ଖଳା ସ୍ଥିତି କିପରି ରହିଛି, ତାହା ରାଜ୍ୟବାସୀ ଗତ କିଛି ଦିନ ହେଲା ଦେଖି ଆସୁଛନ୍ତି। ରାଜ୍ୟରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ବଢୁଛି। ଅପରାଧୀ ପୁଲିସକୁ ଖୋଲା ଆହ୍ୱାନ ଦେଉଛନ୍ତି। ନାରୀ ନିର୍ଯ୍ୟାତନା ବଢ଼ି ଚାଲିଛି, ଦିନ ଦି ପହରେ ମୁଣ୍ଡ ଗଡୁଛି। ରାଜ୍ୟ ସରକାରଙ୍କ ଶ୍ୱେତପତ୍ର ଏହାର ପ୍ରମାଣ ବୋଲି କହିଛନ୍ତି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ସେ କହିଛନ୍ତି ଯେ ଗୃହ ବିଭାଗ ପାଇଁ ପ୍ରାବଧାନ କରା ଯାଇଥିବା ଅର୍ଥରୁ ମାତ୍ର ୬୭. ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଅର୍ଥାତ ୨, ୧୫୪ କୋଟି ଟଙ୍କା ମଧ୍ୟରୁ ମାତ୍ର ୧,୪୫୩ କୋଟି ଟଙ୍କା ଖର୍ଚ୍ଚ ହୋଇ ପାରିଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି କିପରି ଅଛି ବୋଲି ଜାଣିବା ପାଇଁ ବିଶେଷ ଅନୁସନ୍ଧାନର ଆବଶ୍ୟକତା ନାହିଁ। କିଛି ଦିନ ତଳେ ରାଜ୍ୟରେ ହୋଲି ପାଳନ ସମୟରେ କଟକ ଭୁବନେଶ୍ୱର ସହରରେ ପୁଲିସ ଫ୍ଲାଗମାର୍ଚ୍ଚର ଆବଶ୍ୟକତା ପଡିଥିଲା। ରାଜ୍ୟରେ ସେହିଦିନ ଡ଼ଜନେ ମୁଣ୍ଡ ଗଡିଥିଲା। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ସାମ୍ପ୍ରଦାୟିକ ହିଂସା ଦେଖିବାକୁ ମିଳୁଛି। ଜୁନ ମାସରେ ବାଲେଶ୍ୱରରେ, ଅଗଷ୍ଟ ମାସରେ ଖୋର୍ଦ୍ଧା ଜିଲ୍ଲାର ମୁକୁନ୍ଦପ୍ରସାଦ ଠାରେ ଓ ସେପ୍ଟେମ୍ବର ମାସରେ ଭଦ୍ରକ ଓ ଧାମନଗରରେ ସାମ୍ପ୍ରଦାୟିକ ହିଂସା ଦୃଶ୍ୟମାନ ହୋଇଛି। ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ହିଂସାକୁ ନେଇ ରାଜ୍ୟ ଉଠୁଛି ପଡୁଛି। ଗୃହ ବିଭାଗର ତଥ୍ୟ ଅନୁଯାୟୀ ୨୦୨୪ ମସିହାରେ ୩୦୫୪ଟି ଦୁଷ୍କର୍ମ ହୋଇଛି । ମାତ୍ର ଚାରିରୁ ପାଞ୍ଚ ପ୍ରତିଶତ ମାମଲାରେ ସେମାନଙ୍କୁ ନ୍ୟାୟ ପ୍ରଦାନ କରା ଯାଉଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ। ଏହି ବିଭାଗରେ ଚଳିତ ବର୍ଷ ପାଇଁ ପ୍ରାବଧାନ କରାଯାଇଥିବା ଅର୍ଥରୁ ମାତ୍ର ୨୩. ୦୭ ପ୍ରତିଶତ ୨୫ ମାର୍ଚ୍ଚ ୨୦୨୫ ସୁଦ୍ଧା ଖର୍ଚ୍ଚ କରା ଯାଇ ପାରିଛି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିବା ବିଭାଗରେ ୨୪୬ କୋଟି ଅର୍ଥରୁ ମାତ୍ର ୫୭ କୋଟି ଟଙ୍କା ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ହ୍ୱାଇଟ ପେପର ପ୍ରକୃତରେ ରାଜ୍ୟ ପାଇଁ ବ୍ଲାକ ପେପର ହୋଇଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

■ ହାଇକୋର୍ଟରେ ରତ୍ନଭଣ୍ଡାର ମାମଲା

## ଏପ୍ରିଲ ୭ରେ ଜବାବ ରଖିବେ ସରକାର

କଟକ,୨୬ ।୩(ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିସନ ରିପୋର୍ଟକୁ ସାର୍ବଜନୀନ କରିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ଯୁକ୍ତି ଉପସ୍ଥାପନ ପାଇଁ ଆଡଭୋକେଟ ଜେନେରାଲ ଅତିରିକ୍ତ ସମୟ ଲୋଡ଼ିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୭କୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ଅନ୍ୟପଟେ, ଏହି ମାମଲାରେ ବୁଧବାର ଆବେଦନକାରୀଙ୍କ ପକ୍ଷରୁ ଏକ ଅନ୍ତରୀଣ ଆବେଦନ ଦାୟର ହୋଇଛି। ରତ୍ନଭଣ୍ଡାରରେ ରହିଥିବା ମହାପ୍ରଭୁଙ୍କ ରତ୍ନଅଳଙ୍କାରର ଗଣତି ମଣତିର ସ୍ଥିତି ସମ୍ପର୍କରେ ସରକାର ଅବଗତ କରନ୍ତୁ ବୋଲି ଉକ୍ତ ଅନ୍ତରୀଣ ଆବେଦନରେ ପ୍ରାର୍ଥନା କରାଯାଇଛି। ଏହି ଅନ୍ତରୀଣ ଆବେଦନ ଉପରେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ଜବାବ ରଖିବେ। ଅନ୍ୟପଟରେ ଚାବି ହଜିବା ଘଟଣାରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିସନଙ୍କ ରିପୋର୍ଟର ସ୍ଥିତି ସମ୍ପର୍କରେ ମଧ୍ୟ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ସରକାର ପକ୍ଷ ରଖିବେ ବୋଲି ଜଣାପଡିଛି। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଅରିନ୍ଦମ ସିହ୍ନା ଏହି ନିର୍ଦ୍ଦେଶ ଦେଇଛନ୍ତି।

## ବିରୋଧୀଙ୍କ କଣ୍ଠରୋଧ କରୁଛନ୍ତି ସରକାର: ବିଜେଡି



ଭୁବନେଶ୍ୱର,୨୬।୩(ସମିସ): ଓଡ଼ିଶାରେ ବିଧାୟକମାନେ ବି ସୁରକ୍ଷିତ ନୁହଁନ୍ତି, ସେଠି ସାଧାରଣ ଲୋକଙ୍କ ଅବସ୍ଥା କ'ଣ ତାହା ସହଜରେ ଅନୁମେୟ। ରାଜ୍ୟରେ ଆଇନ୍ ଶୃଙ୍ଖଳା କେତେ ବିପର୍ଯ୍ୟସ୍ତ ତାହା ଗତକାଲି ପ୍ରକଶିତ ଗୃହ ବିଭାଗର ଶ୍ୱେତପତ୍ରରୁ ଜଳ ଜଳ ଦେଖାଯାଉଛି। ବାଚସ୍ପତି ନିଜ ପଦ ଗାରିମାକୁ ଜଳାଞ୍ଜଳି ଦେଇ ସରକାରୀ ଦଳର ଚାପରେ ଏକପାଖିଆ ନିଷ୍ପତ୍ତି ନେଉଛନ୍ତି ବୋଲି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛି ବିଜେଡି।

ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ଗୃହ ମଧ୍ୟରେ ଆଲୋଚନାକୁ ଏଡାଇବା ପାଇଁ ରାଜ୍ୟ ବିଜେପି ସରକାର ଅସହିଷ୍ଣୁ ଓ ପ୍ରତିକ୍ରିୟାଶୀଳ ହୋଇ ବିରୋଧୀଙ୍କ ଅନୁପସ୍ଥିତରେ ବିଧାନସଭା ଚଳାଇବାକୁ ଚେଷ୍ଟା କରିଛନ୍ତି। ଗୃହର ମୁରବୀ ହିସାବରେ ବାଚସ୍ପତି ଚାହିଁଥିଲେ ଗତ ୪୮ ଘଣ୍ଟା ଧରି ଉପୁଜିଥିବା ବିସ୍ଫୋରକ ସ୍ଥିତି ଏଡାଇ ପାରିଥାଆନ୍ତେ। ଗୃହ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଅଶାଳୀନ ବ୍ୟବହାର ଓ ହିଂସା ଆଚରଣ କରିବା ପାଇଁ ଉସୁକାଇବା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ବିରୋଧୀ ବିଧାୟକଙ୍କୁ ନିଲମ୍ବନ କଲେ। ଫଳସ୍ୱରୁପ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କ ସଂରକ୍ଷଣ ସ୍ୱାର୍ଥ ସମ୍ବଳିତ ଅନେକ ବିଷୟ ଗୃହରେ ଆଲୋଚନା ହୋଇପାରିଲାନି।

ସେହିପରି ମୁଖପାତ୍ର ଡ଼ ଲେନିନ୍ ମହାନ୍ତି କହିଥିଲେ ଯେ ଗତ ୯ ମାସ ମଧ୍ୟରେ ରାଜ୍ୟରେ ବଢିଚାଲିଥିବା ହିଂସା ନିୟନ୍ତ୍ରଣ କରିବାରେ ବିଫଳ ହୋଇ, ପୁଲିସ ଜରିଆରେ ସରକାର ବିଧାନସଭା ଭିତରେ ଓ ବାହାରେ ବିରୋଧୀଙ୍କ ସ୍ୱର ଚପାଇ ଦେବା ପାଇଁ ଅପଚେଷ୍ଟା କରାଯାଉଛି। ଗତ ଦୁଇ ଦିନ ଧରି ବିଧାନସଭାରେ ଚାଲିଥିବା ଅଚଳବସ୍ଥା ନାଟକର ରଚନା ବିଜେପି ଅଫିସରେ ଲେଖାଯାଇଛି ବୋଲି ସେ କହିଛନ୍ତି।

## ଆଖିବୁଜିଲା ଅସୁସ୍ଥ ଦନ୍ତା



କଟକ,୨୬।୩(ସମିସ): ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ରେଞ୍ଜ ତାଳବସ୍ତ ମୁଣ୍ଡାସାହି ନିକଟରେ ଚିକିତ୍ସାଧୀନ ଅବସ୍ଥାରେ ଏକ ଅସୁସ୍ଥ ଦନ୍ତାହାତୀର ମୃତ୍ୟୁ ଘଟିଛି। ପୂର୍ବରୁ ହାତୀ ହାତୀ ମଧ୍ୟରେ ଲଢେଇରେ ଦନ୍ତାହାତୀଟି ପଛ ପଟ ଗୋଡ଼ ପାଖରେ ଏକ କ୍ଷତ ହୋଇଥିଲା। ପରେ ବନ ବିଭାଗ ଏ ସମ୍ପର୍କରେ ସୂଚନା ପାଇବା ପରେ ଗତ ୧୯ ତାରିଖରୁ ଡମପଡା ବନ ବିଭାଗ ହାତୀଟିକୁ ଟ୍ରାଙ୍କୁଲାଇଜ କରି ଚିକିତ୍ସା ଜାରି ରଖିଥିଲା। ଚିକିତ୍ସା ପରେ ବି ହାତୀଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବା ବେଳେ ଆଜି ତାର ମୃତ୍ୟୁ ଘଟିଛି। ତେବେ, ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ଡିଏଫଓ ସୂଚନା ଦେଇଛନ୍ତି।

## ପୁଲିସ ସାଜିଛି ବିଧାନସଭାର ନୀତି ନିର୍ଦ୍ଧାରକ: କଂଗ୍ରେସ

ଭୁବନେଶ୍ୱର,୨୬।୩(ସମିସ): ନିର୍ବାଚିତ ବିଧାୟକମାନଙ୍କୁ ବିଧାନସଭା ଭିତରକୁ ବାଚସ୍ପତିଙ୍କର ବିନା ଅନୁମତିରେ ଯିବାକୁ ନଦେବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ। ଓଡ଼ିଶା ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ପୁଲିସ ବିଧାନସଭାର ନୀତିନିର୍ଦ୍ଧାରକ ସାଜିଛି। ବାଚସ୍ପତି ସରକାରୀ ଦଳର ହାତବାରିସି ସାଜିଛନ୍ତି। ୨ଦିନର ଘଟଣାକ୍ରମକୁ ଦେଖିଲେ ଏଭଳି କିଛି ପ୍ରତୀୟମାନ ହେଉଥିବା ଅଭିଯୋଗ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ରାଜ୍ୟ ବିଜେପି ସରକାରର ମହିଳା ହିଂସାକୁ ନେଇ ଦୋମୁହାଁ ନୀତିକୁ କଠୋର ସମାଲୋଚନା କରିବା ସହିତ ମୋହନ ସରକାର ସମୟରେ କ୍ରମାଗତ ଭାବରେ ବଢୁଥିବା ଦୁଷ୍କର୍ମ, ଗଣଦୁଷ୍କର୍ମ ଏବଂ ନାରୀ ନିର୍ଯାତନାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ କଂଗ୍ରେସର ସମସ୍ତ ବରିଷ୍ଠ ନେତା ନରସିଂହ ମିଶ୍ର, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ପ୍ରସାଦ ସେଠୀ, ଅମର ପ୍ରଧାନ,



ପଞ୍ଚାନନ କାନୁନଗୋ, ଶରତ ରାଉତ, ସନ୍ତୋଷ ସିଂ ସାଲୁଜା, ସମୀର ରାଉତରାୟ, ଅଖିଳଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା ଉପସ୍ଥିତି ଥିଲେ।

ପୂର୍ବତନ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ପୂର୍ବତନ ବିଧାୟକ ହିସାବରେ ସେ ବିଧାନସଭା ଭିତରକୁ ଯାଇ କଂଗ୍ରେସର ଧାରଣାରତ ବିଧାୟକମାନଙ୍କ ସହିତ ଆଲୋଚନା କରିବାକୁ ଚାହିଁଥିଲେ। ଏହା ଜଣେ ପୂର୍ବତନ ବିଧାୟକ ହିସାବରେ ତାଙ୍କର ଅଧିକାର ପରିସରଭୁକ୍ତ ହୋଇଥିଲେ ମଧ୍ୟ ପୁଲିସ ତାଙ୍କୁ ଯିବାକୁ ଦେଇନଥିଲା। ବିଧାନସଭା ପରିସର ଭିତରେ ଧାରଣାରତ ବିଧାୟକମାନଙ୍କ ସହିତ ସୁରକ୍ଷାକର୍ମୀମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସେଥିରେ ଆହତ ହୋଇଛନ୍ତି। ବିଜେପି ଗଣତନ୍ତ୍ରର ଗାରିମାକୁ ନଷ୍ଟ କରିବା ସହିତ ଗଣତନ୍ତ୍ରକୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରୁଛି। ଯାହାକୁ ପ୍ରଦେଶ କଂଗ୍ରେସ ତରଫରୁ ଜୋରଦାର ବିରୋଧ କରାଯିବ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ ଓଡ଼ିଶା ସମେତ ବିଜେପି ଶାସିତ ଅନେକ ରାଜ୍ୟରେ ମହିଳା କମିସନଙ୍କୁ ସ୍ଥାଣୁ ଅବସ୍ଥାରେ ରଖାଯାଇଛି। ଗୃହବିଭାଗର ରିପୋର୍ଟ ସାର୍ବଜନୀନ ହେଲାପରେ ଜଣାଗଲା ଯେ ପ୍ରତିଦିନ ଓଡ଼ିଶାରେ ୮ ଦୁଷ୍କର୍ମ ଘଟଣା ଘଟୁଛି। ଏହିସବୁ ପ୍ରସଙ୍ଗ ନେଇ ଆସନ୍ତା ୨୭ ତାରିଖ ଦିନ ଓଡ଼ିଶା ବିଧାସଭା ଘେରାଉ କରାଯିବ। ଏହାକୁ ଓଡ଼ିଶାବାସୀ ସମର୍ଥନ ଦେବାପାଇଁ ସେ ଅନୁରୋଧ କରିଥିଲେ। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ ମହିଳା ହିଂସାକୁ ନେଇ ମୁଖ୍ୟମନ୍ତ୍ରୀଙ୍କର ବିବୃତି ଏବଂ ଗୃହକମିଟି ଗଠନ ଦାବିକୁ ଆଗ୍ରାହ୍ୟ କରି ୧୨ ଜଣ ବିଧାୟକଙ୍କୁ ସସପେଣ୍ଡ କରିବା ଗଣତନ୍ତ୍ରକୁ ହତ୍ୟା କରିବା ସହିତ ସମାନ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଥିଲେ, ବର୍ତ୍ତମାନ ବିଜେପି ସରକାର ସମୟରେ ଓଡ଼ିଶାରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତ୍ୟେକ ଦିନ ହତ୍ୟା କରାଯାଉଛି।

## ଛାତ୍ରଙ୍କ କୃତିତ୍ୱ



ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ବିରେଣ୍ଢପୁର ପଞ୍ଚାୟତ ଆମ୍ବଡାଳି ଗ୍ରାମର ଲକ୍ଷ୍ମଣ କୁମାର ହାଁସଦା ଓ ମୁନି ମୁର୍ମୁଙ୍କ ପୁଅ ସାଗର ହାଁସଦା, ନବୋଦୟ ସ୍କୁଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିଛନ୍ତି । ସେ ବିରେଣ୍ଢପୁର ପଞ୍ଚାୟତର ଶିରିଡି ସାଇ ଇଂରାଜୀ ମାଧ୍ୟମ ସ୍କୁଲରୁ ୫ମ ଶ୍ରେଣୀ ପାସ୍ କରିଛନ୍ତି । ନବୋଦୟ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ପିତା-ମାତା ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଗର କୃତଜ୍ଞତା ଜଣାଇଛନ୍ତି ।

# ଭୁବନେଶ୍ୱର ସିଟି



### ଟଙ୍କା ହଡ଼ପ କରି ଖସିଯିବାର ନୂଆ ମସୁଧା

# କର୍ମଚାରୀଙ୍କ ଜୁଆ ଖେଳ ନାଟକ

ଭୁବନେଶ୍ୱର, ୨୬।୩(ସମିସ): ସରକାରୀ ବା ବେସରକାରୀ ସଂସ୍ଥାରୁ ତଞ୍ଚକତା କରି ଅର୍ଥକୁ ହଡ଼ପ କରୁଛନ୍ତି। ସତସତିକା ଠକେଇ କରୁଥିବାବେଳେ ଖସିବା ଲାଗି ଅଭିଯୁକ୍ତମାନେ ନୂଆ କାର୍‌ସାଦି ଚଳାଇଛନ୍ତି। ତଦନ୍ତରୁ ବାଟବଣା ସହ ସମ୍ପୂର୍ଣ୍ଣ ଟଙ୍କାକୁ ଆମ୍‌ସାତ୍ ଲାଗି ଜୁଆଖେଳକୁ ମୋହରା କରୁଛନ୍ତି। ଜୁଆଖେଳି ଟଙ୍କା ବୁଡ଼ିଯାଇଥିବା ନାଟକ ରଚି ଆଇନ୍‌ର ଫାଶରୁ ମୁକୁଳି ଯାଉଛନ୍ତି। ରାଜଧାନୀରୁ ଗୋଟିଏ ପରେ ଗୋଟଏ ରୋଚକ ଘଟଣା ସାମ୍‌ନାକୁ ଆସୁଛି। ଅନେକ ଘଟଣାରେ ଅଭିଯୁକ୍ତ ଖସି ପଳାଉଥିବାବେଳେ କିଛି ମାମଲାରେ ଖୋଲୁଛି ଅପରାଧୀଙ୍କ ଅସଲ ମୁଖା। ଠକେଇ, ଲୁଟ୍ ଟଙ୍କାରେ ଅଭିଯୁକ୍ତମାନେ ସ୍ୱପ୍ନର ମହଲ ତୋଳୁଛନ୍ତି। ରାଜପ୍ରାସାଦ ଭଳି ବଙ୍ଗଳା, ଦାମୀ ଗାଡ଼ି, ରାଜକୀୟ ଜୀବନଯାପନ କରୁଛନ୍ତି। ବଳକା ଟଙ୍କାକୁ ନେଇ ପିଲାଙ୍କ ପଢ଼ା ଖର୍ଚ୍ଚରେ ନିବେଶ କରୁଛନ୍ତି। ପୁଲିସ ହାତରେ ଧରାପଡ଼ିବା ପରେ ତଦନ୍ତକୁ ବାଟବଣା କରିବା ଲାଗି ଅନ୍‌ଲାଇନ୍ ଟ୍ରେଡ଼ିଂ, ବେଟିଂ କିମ୍ବା ଜୁଆ ଖେଳରେ ସବୁ ଟଙ୍କା ବୁଡ଼ିଯାଇଥିବା ପୁଲିସ ଆଗରେ ମିଛ ନାଟକ ରଚୁଛନ୍ତି। ଜୁଆ ଖେଳକୁ ମୋହରା କରି ଲକ୍ଷ ଲକ୍ଷ ଟଙ୍କା ଚଳୁ କରୁଛନ୍ତି। ଠକେଇ କରିଥିବା ଟଙ୍କାକୁ ଘରର ଅନ୍ୟ ସଦସ୍ୟଙ୍କ ନାମରେ କରି ଦେଉଛନ୍ତି। ଗିରଫ ହୋଇ ଜେଲ୍ ଯାଇ ଜାମିନରେ ଫେରିବା ପରେ ସେଇ ଟଙ୍କାରେ ଠକ ମଉଜ କରୁଛନ୍ତି। କମିସନରେଟ୍ ପୁଲିସ ଗିରଫ କରୁଥିବା ଠକମାନେ ଜୁଆରେ ଟଙ୍କା ବୁଡ଼ିଯାଇଥିବା କଥା କହିବା ପରେ ସେଇଠି ତଦନ୍ତ ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଉଛି। ଅନୁରୂପ ଭାବେ ଏକାଧିକ ସମାନ ଘଟଣାରେ ପୁଲିସ ତଦନ୍ତ କରିବାରୁ ସାଂଘାତିକ ସତ ପଦାକୁ ଆସିଥିଲା। ଠକେଇ ଟଙ୍କାରେ ଦାମୀ ଗାଡ଼ି ଓ ପ୍ଲଟ୍ କିଣିଦେଇଥିଲେ ସରକାରୀ ବାବୁ। ହେଲେ ଜୁଆରେ ଟଙ୍କା ବୁଡ଼ିଯାଇଥିବା କହି ଖସିଯିବା ଲାଗି ପ୍ରୟାସ କରୁଥିବାବେଳେ ପୁଲିସର ତଦନ୍ତରେ ଫସିଥିଲେ। ପରେ ତାଙ୍କର ଦାମୀ ଗାଡ଼ି ଓ ପ୍ଲଟ୍ ପୁଲିସ ଜବତ କରିଥିଲା।



**ଧରାପଡ଼ିବା ପରେ ଖୋଲିଛି ଅସଲ ମୁଖା**

### କିଛି ଘଟଣାବଳୀ...

- ଲିଙ୍ଗରାଜ ଥାନା ଶ୍ରୀରାମନଗରରୁ ଏଟିଏମ୍‌କୁ ତାଡ଼ି ୨୧ ଲକ୍ଷ ୭୭ ହଜାର ୭୦୦ ଟଙ୍କା ଲୁଟି ନେଇଯାଇଥିଲେ ଦୁର୍ବୃତ୍ତ। ଏଥିରେ ଧରାପଡ଼ିଥିବା ସେକ୍ ମୀଜାନୁର ମୁଲ୍ଲା ଓରଫ ରାଜୁ ଉକ୍ତ ଟଙ୍କାକୁ ଜୁଆରେ ନିବେଶ କରିଥିଲା। ଜୁଆ ଖେଳରୁ ଟଙ୍କା ହାରିଯାଇଥିବା ସେ ପୁଲିସ ଆଗରେ ସ୍ୱୀକାର କରିଛି।
- ବଡ଼ ଧରଣର ଲୁଟ୍ ମାମଲାରେ ଧରାପଡ଼ିଥିବା ଦେବୀପ୍ରସାଦ ମଲିଆ ଓରଫ ଭିକି ଲୁଟ୍ ଟଙ୍କାରେ ଘରର ଇଣ୍ଟେରିୟର ଓ ସୁନା କିଣି ଦେଇଥିଲା। ଲୁଟ୍ କରିଥିବା ଟଙ୍କାକୁ ଜୁଆରେ ନିବେଶ କରି ହରାଇଥିବା ମିଛ ନାଟକ ରଚିଥିଲା।
- ଅର୍ଥ ଲଗାଣକାରୀ ସଂସ୍ଥାରୁ ୧ଲକ୍ଷ ୪୦ହଜାର ଟଙ୍କା ଚଳୁ କରି ଜୁଆରେ ହାରିଥିବା ଟଙ୍କା ସୁଝିବା ଲାଗି ନୂଆ ନାଟକ ରଚିଥିଲା। ଟଙ୍କା ହଡ଼ପ ଅଭିଯୋଗରେ ଅଭିଯୁକ୍ତ ଅମର ମହାନ୍ତିକୁ ଗିରଫ କରାଯାଇଥିଲା।
- ରାଧାଦେଇପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) କ୍ଷେତ୍ରମୋହନ ନାୟକ ୪୩ ଲକ୍ଷ ଟଙ୍କା ସରକାରୀ ଅର୍ଥ ହଡ଼ପ କରିଥିଲେ। ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟରେ ଖର୍ଚ୍ଚ ପାଇଁ ଆସିଥିବା ଟଙ୍କାକୁ କ୍ଷେତ୍ରମୋହନ ଆମ୍‌ସାତ୍ କରିଥିଲେ। ଉକ୍ତ ଟଙ୍କାକୁ ସେ ବେଟିଂ ଆପ୍‌ରେ ନିବେଶ କରିଥିବାବେଳେ ଟଙ୍କା ବୁଡ଼ି ଯାଇଥିଲା।
- ଥୁଆମୁଲ-ରାମପୁର ବ୍ଲକ ପିଇଓ ଦେବାନନ୍ଦ ସାଗର ୩ କୋଟିରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥକୁ ଆମ୍‌ସାତ୍ କରିଥିଲେ। କ୍ରିକେଟ୍ ବେଟିଂରେ ଉକ୍ତ ଟଙ୍କା ଦେବାନନ୍ଦ ନିବେଶ କରିଥିବାବେଳେ ସେ ହାରିଯାଇଥିଲେ।
- ନକଲି ଭିଜିଲାନ୍ସ ମାମଲାରେ ସ୍ପେଶାଲ ଟାସ୍କଫୋର୍ସ ଦ୍ୱାରା ଗିରଫ ହୋଇଥିଲା ମନୋଜ କୁମାର ମାଝୀ। ସେ ନିଯୁକ୍ତି ଦେବା ସହ ଅନ୍ୟାନ୍ୟ ଠକେଇ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଛି। ମାତ୍ର ଠକେଇ ଟଙ୍କାକୁ ସେ ଅନ୍‌ଲାଇନ୍ ବେଟିଂ କିମ୍ବା ଜୁଆ ଖେଳୁଥିଲା। ସେଥିରେ ସେ ଟଙ୍କା ହରାଇଥିବା କଥା ତଦନ୍ତକାରୀ ସଂସ୍ଥାକୁ କହୁଛି।
- ଓଡ଼ିଶା ରାଜ୍ୟ ପର୍ଯ୍ୟଟକ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଖୋଲାଯାଇଥିବା ହୋଟେଲ 'ନିମନ୍ତ୍ରଣ'ରୁ ୧୭ ଲକ୍ଷ ୫୦ହଜାର ଟଙ୍କା ଆମ୍‌ସାତ୍ କରିଥିଲେ ମ୍ୟାନେଜର ରାଜ ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି ଓ ଆକାଉଣ୍ଟାଣ୍ଟ ସୁନୀଲ କୁମାର ଘଡ଼େଇ। ସେଠାରୁ ନେଇଥିବା ୧୦ ଲକ୍ଷ ଟଙ୍କା ସୁନୀଲ ଅନ୍‌ଲାଇନ୍ ଜୁଆ ଖେଳରେ ନିବେଶ କରିଥିଲେ। ଆଉ ପରେ ଟଙ୍କା ବୁଡ଼ିଯାଇଥିଲା ବୋଲି କହିଥିଲେ।
- ସିଭିରମଣ ଗ୍ଲୋବାଲ ୟୁନିଭର୍ସିଟିର ୯୭ ଲକ୍ଷ ଟଙ୍କା ଆମ୍‌ସାତ୍ କରିଥିଲେ ପ୍ରେମୀଯୁଗଳ। ପ୍ରେମିକା ପାୟଲ ମହାପାତ୍ର ସେଠାରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ ତାଙ୍କ ପ୍ରେମିକ ବିକାଶ କୁମାରଙ୍କୁ ୯୭ ଲକ୍ଷ ଟଙ୍କା ଦେଇଥିଲେ। ସେଥିରୁ ଟାଇଗର ଏକ୍ସଚେଞ୍ଜ, ସିଲ୍‌ଭର୍ ଏକ୍ସଚେଞ୍ଜ ଓ ଆନ୍ନାରେଡ୍ଡୀ ଭଳି ବିଭିନ୍ନ ଅନ୍‌ଲାଇନ୍ ଜୁଆ ଖେଳରେ ୬୦ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ।
- ପୋଷ୍ଟାଲରେ ଟଙ୍କା ଜମା କରିବା ଆଳରେ ଜମାକାରୀଙ୍କଠାରୁ ୧୨ ଲକ୍ଷ ଟଙ୍କା ଠକେଇ କରିଥିଲେ ଠକ ବିଭୂତିଭୂଷଣ ମହାପାତ୍ର। ସେ ଠିକାଦାର ଭାବେ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ। ପରେ ଠକେଇ ଟଙ୍କାକୁ ନେଇ ଜୁଆରେ ଲଗାଇ ଲାଭାଂଶକୁ ନେଇ ଅୟସ କରୁଥିଲା।
- ଆଶାୟୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦେବା ଲାଗି ପ୍ରେମୀଯୁଗଳ ରଚିଥିଲେ ମାଷ୍ଟରପ୍ଲାନ୍। ବେସରକରୀ ସଂସ୍ଥାରେ ନିଯୁକ୍ତି ଦେବାକୁ କହି ୨ ଲକ୍ଷ ଟଙ୍କା ଚଳୁ କରିଥିବା ପ୍ରେମୀଯୁଗଳ ମଙ୍ଗଲୁ ସ୍ୱାଇଁ ଓ ହିମାଦ୍ରୀ ବେହେରା ଠକେଇ ଟଙ୍କାକୁ ନେଇ ଜୁଆ ଖେଳରେ ନିବେଶ କରିଥିଲେ।
- ରାଜଧାନୀରେ ଠକେଇ କରୁଥିବା ଗ୍ୟାଙ୍ଗ୍‌ର ଅରୁଣ ସାହୁ, ଜୟଦେବ ବେହେରା, ପି.କେଶୁ ରେଡ୍ଡୀ ଓ ଜଗଦୀଶ ଆଚାର୍ଯ୍ୟ ପୁଲିସ ଗିରଫ କରିଥିଲା। ସେମାନେ ଠକେଇ ଟଙ୍କାକୁ ନେଇ ଜୁଆରେ ନିବେଶ ପରେ ବିନିଯୋଗ କରିଥିବା ଟଙ୍କା ବୁଡ଼ିଯାଇଥିଲା।

### ଧରାପଡ଼ିଲେ ୩ ଧୂର୍ତ୍ତ ଛାତ୍ର

## କିଣାକିଣି ଆଳରେ ଚୋରି



ଭୁବନେଶ୍ୱର, ୨୬।୩(ସମିସ): କିଣାକିଣି ଆଳରେ ଘଣ୍ଟା ଓ ଚଷମା ଚୋରି କରୁଥିବା ୩ ଛାତ୍ରଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ବି. ଫାର୍ମା ଛାତ୍ର ଅଜିତ କୁମାର ସାହୁ, ପ୍ରତ୍ୟୁଷ କୁମାର ନାୟକ ଓ ଇଞ୍ଜିନିୟରିଂ ଛାତ୍ର ନିତିଶ କୋନା।

ପୁଲିସ ସୂଚନା ଅନୁସାରେ, ଅଜିତ୍ ଓ ପ୍ରତ୍ୟୁଷ ରାଜଧାନୀର ବିଭିନ୍ନ ଚଷମା ଓ ଘଣ୍ଟା ଦୋକାନକୁ ଯାଉଥିଲେ। ସେଠାରେ କିଣାକିଣି ବାହାନାରେ ସେଲ୍ସ ମ୍ୟାନ୍‌ଙ୍କୁ ଅନ୍ୟମନସ୍କ କରୁଥିଲେ। ଆଉ ସୁଯୋଗ ଦେଖି ଚଷମା ଓ ଘଣ୍ଟାକୁ ହେଲ୍‌ମେଟ୍ ଭିତରେ ପୂରାଇ ଦେଉଥିଲେ। ଟାଇଟନ୍ ଓ ଲେନ୍ସକାର୍ଟରୁ ଦାମୀ ଘଣ୍ଟା ଓ ଚଷମା ଚୋରି କରିବା ପରେ ଦୋକାନ ମାଲିକ ସହିଦନଗର ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହିତ ଅଜିତ୍ ଓ ପ୍ରତ୍ୟୁଷକୁ ଗିରଫ କରିଥିଲା। ହେଲେ ସେମାନେ ଘଣ୍ଟା ଓ ଚଷମା ନେଇ ନିତିଶକୁ ଦେଉଥିବା ଜଣାପଡ଼ିବା ପରେ ପୁଲିସ ତାକୁ ଉଠାଇ ଆଣିଥିଲା। ସେମାନଙ୍କଠାରୁ ୭ଟି ଚଷମା ଓ ୩ଟି ଘଣ୍ଟା ଜବତ କରିଥିଲା ପୁଲିସ। ଅଭିଯୁକ୍ତମାନେ ପଟିଆ, ସହିଦନଗର, ଲିଙ୍ଗରାଜ, ଖଣ୍ଡଗିରି, କ୍ୟାପିଟାଲ ଓ ନୂଆପଲ୍ଲୀ ଥାନା ଅଞ୍ଚଳରୁ ଚୋରି କରିଥିବା ଜଣାପଡ଼ିଥିଲା।

## ଫଳ ଦୋକାନୀଙ୍କଠାରୁ ଟଙ୍କା ଛଡ଼ାଇ ନେଇ ଗିରଫ



ଭୁବନେଶ୍ୱର, ୨୬।୩(ସମିସ): ଖଣ୍ଡା ଦେଖାଇ ଫଳ ଦୋକାନୀଙ୍କଠାରୁ ଟଙ୍କା ଛଡ଼ାଇ ନେବା ଓ ଦାଦାବଟି ମାଗିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୁରୁଣା ଭୁବନେଶ୍ୱର ବଶିଷ୍ଠ ନଗରର ରାହୁଲ ବେହେରା (୨୪)।

ପୁଲିସ ସୂଚନା ଅନୁସାରେ, ଅନୁଗୋଳ ଜିଲ୍ଲା ଖମାରର ରୁଦ୍ର ମୋହନ ପ୍ରଧାନ ପୁରୁଣା ଭୁବନେଶ୍ୱର ହାଟରେ ଫଳ ବ୍ୟବସାୟ କରୁଛନ୍ତି। ଗତ ଡିସେମ୍ବର ୩ ତାରିଖ ରାତିରେ ରୁଦ୍ର ଓ ତାଙ୍କ ସହଯୋଗୀମାନେ ହାଟ ସାରି ହିସାବପତ୍ର କରୁଥିଲେ। ସେହି ସମୟରେ ରାହୁଲ ଆସି ଖଣ୍ଡାରେ ଆକ୍ରମଣ କରିବାକୁ ଉଦ୍ୟମ କରି ୨୬ ହଜାର ୨୦୦ ଟଙ୍କା ଛଡ଼ାଇ ନେଇଥିଲା। ଏଥିସହିତ ସପ୍ତାହକୁ ୧୦ ହଜାର ଟଙ୍କା ଦାଦାବାଟି ଦେବାକୁ ଧମକ ଦେଇଥିଲା। ଦାଦାବାଟି ନଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏନେଇ ରୁଦ୍ର ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବୁଧବାର ରାହୁଲକୁ ଗିରଫ କରିବା ସହିତ ତା'ଠାରୁ ଗୋଟିଏ ଛୁରି ଓ ୧୦ ହଜାର ଟଙ୍କା ଜବତ କରିଥିଲା।

### ରାସ୍ତା ଅତିକ୍ରମ ବେଳେ ଧକ୍କା ଦେଲା ବସ୍

## ମାଆ ଆଗରେ ଚାଲିଗଲା ୩ ବର୍ଷର ଶିଶୁପୁତ୍ର

ଧଉଳି, ୨୬।୩(ସମିସ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଗୁଡ଼ିଆପୋଖରୀ ନିକଟରେ ଏକ ବସ୍ ଧକ୍କାରେ ୩ ବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଥିବାବେଳେ ମାଆ ଗୁରୁତର ଆହତ ହୋଇଛନ୍ତି। ମୃତ ଶିଶୁପୁତ୍ର ହେଲେ ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଲାଠିଗଡ଼ ଗ୍ରାମର ସୁହାଂଶୁ ପ୍ରଧାନ ଏବଂ ଗୁରୁତର ମାଆ ହେଲେ ଝିଲ୍ଲୀ ପ୍ରଧାନ। ଝିଲ୍ଲୀ ପରିବାର ସହ ଗୁଡ଼ିଆପୋଖରୀରେ ରହି ଶ୍ରମିକ ଭାବେ କାମ କରନ୍ତି।

ଖବରନେବାରେ ଜଣାପଡ଼ିଛି, ବୁଧବାର ସକାଳ ପ୍ରାୟ ସାଢ଼େ ୯ଟାରେ ଝିଲ୍ଲୀ ପୁଅ ସୁହାଂଶୁକୁ ଧରି ରାସ୍ତା ପାର୍ ହେଉଥିଲେ। ଏହି ସମୟରେ ପୁରୀରୁ ଯାତ୍ରୀ ନେଇ ଭୁବନେଶ୍ୱର ଆସୁଥିବା ଏକ ବସ୍ ଉଭୟଙ୍କୁ ଧକ୍କା ଦେଇଥିଲା। ସେମାନେ ରାସ୍ତାରେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସୁହାଂଶୁର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀ ସଞ୍ଜୀବ ଦାଶ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ସେଥିରେ ଥିବା ଯାତ୍ରୀମାନଙ୍କୁ ଅନ୍ୟ ଏକ ବସ୍‌ରେ ବସାଇଥିଲେ। ଏଥିସହ ବସ୍‌ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଚୋରି ଅଭିଯୋଗରେ ୫ ଗିରଫ



ଭୁବନେଶ୍ୱର, ୨୬।୩(ସମିସ): ଚୋରି କରିଥିବା ଅଭିଯୋଗରେ ଦୁଇଟି ମାମଲାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କମିସନରେଟ୍ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବୋଡଣ୍ଡା ଭୋଇ ସାହିର ଚନ୍ଦ୍ରକାନ୍ତ ଭୋଇ ଓରଫ କନ୍ଧ (୨୩), ଚକରା ଓରଫ ରଞ୍ଜିତ ଭୋଇ (୨୧), ଦୀପକ ରଞ୍ଜନ ଭୋଇ ଓରଫ ଡମ୍ବରୁ (୨୭), ସୁଧିର ରଣବୀର (୫୨) ଓ ରସୁଲଗଡ଼ ଅଞ୍ଚଳର ଏମ୍‌ଡି ରୋଶନ (୨୪)।

ପୁଲିସ ସୂଚନା ଅନୁସାରେ, ବୋଡଣ୍ଡା ନିରଞ୍ଜନ ମିଶନ ରୋଡ୍‌ରେ ଘର ନିର୍ମାଣ କରୁଥିବା ମହେଶ୍ୱର ସାହୁ ସେଠାରେ ଏକ ପାଣି ପମ୍ପ ଲଗାଇବା ସହିତ ଫ୍ୟାନ୍ ମଧ୍ୟ ରଖିଥିଲେ। ଗତ ସୋମବାର ରାତିରେ କନ୍ଧ, ଚକରା, ଡମ୍ବରୁ ଓ ସୁଧୀର ଉକ୍ତ ନିର୍ମାଣାଧୀନ ଘରର ତାଲା ଭାଙ୍ଗି ଭିତରେ ପଶି ସେଠାରେ ଥିବା ପାଣି ପମ୍ପ ଓ ଫ୍ୟାନ୍‌କୁ ଚୋରି କରି ନେଇଥିଲେ। ଏନେଇ ମହେଶ୍ୱର ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବୁଧବାର ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ୩ଟି ପାଣି ପମ୍ପ ଜବତ କରିଥିଲା। ସେହିପରି ଗତ ଫେବୃଆରୀ ୨ ତାରିଖ ରାତିରେ ରସୁଲଗଡ଼ର ମାନସ ରଞ୍ଜନ ଦାଶ ଶୋଇଥିବା ଅବସ୍ଥାରେ ରୋଶନ ତାଙ୍କ ମୋବାଇଲ୍ ଫୋନ ଚୋରି କରି ନେଇଥିଲା। ଏନେଇ ସେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ବୁଧବାର ରୋଶନ ମଞ୍ଚେଶ୍ୱର ଶବରସାହିରେ ଉକ୍ତ ମୋବାଇଲ୍ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଥିବାବେଳେ ପୁଲିସ ତାକୁ ଗିରଫ କରିବା ସହିତ ମୋବାଇଲ୍ ଫୋନ୍ ଜବତ କରିଥିଲା।

## ଜେଲ୍‌ଗଲେ ସୂର୍ଯ୍ୟମଣି; ମିଳିଲା ୧୫୫% କଳାଧନ

ଭୁବନେଶ୍ୱର, ୨୬।୩(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଟଣୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି। ଆୟ ତୁଳନାରେ ସୂର୍ଯ୍ୟମଣିଙ୍କଠାରୁ ୧୫୫ ପ୍ରତିଶତ କଳାଧନ ମିଳିଛି। ସୂର୍ଯ୍ୟମଣି ଓ ତାଙ୍କ ପରିବାର ନାମରେ କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଳିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ସୂର୍ଯ୍ୟମଣିଙ୍କଠାରୁ ୪ଟି ଦାମୀ ଫ୍ଲାଟ୍, ଦୁଇଟି କୋଠା, ୧୧ଟି ପ୍ଲଟ୍, ୪୭୫ ଗ୍ରାମ୍ ସୁନା ଅଳଙ୍କାର, ନଗଦ ୧୭ ଲକ୍ଷ ଟଙ୍କା, ୧ କୋଟି ୪୦ ଲକ୍ଷ ୮୮ ହଜାର ୭୦୪ ଟଙ୍କାର ଜମାରାଶି, ୧୮ ଲକ୍ଷ ୩୨ହଜାର ଟଙ୍କାର ଘର ଆସବାବପତ୍ର, କାର୍ ଓ ବାଇକ୍ ଠାବ କରାଯାଇଛି।

## ଜଳୁନି ଷ୍ଟ୍ରିଟ୍ ଲାଇଟ୍; କେହି ଶୁଣୁ ନାହାନ୍ତି



ଭୁବନେଶ୍ୱର, ୨୬।୩(ସମିସ): ରାଜଧାନୀରେ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଜଟିଳ ହେବାରେ ଲାଗିଲାଣି। ବହୁ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବା ନେଇ ରାଜଧାନୀବାସୀ ବାରମ୍ବାର ଅଭିଯୋଗ କରୁଛନ୍ତି। ହେଲେ ଅଭିଯୋଗ ଫଳଶୂନ୍ୟ ପାଲଟି ଯାଉଛି। ସମାଧାନର ବାଟ ବାହାରି ପାରୁନି। ଅଭିଯୋଗ କେବଳ ବିଏମ୍‌ସିର ହସ୍ତଗତ ହେଉଛି କିନ୍ତୁ ଆଗକୁ ବଢ଼ିପାରୁନି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି।

ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାର ସମାଧାନ ମାତ୍ର ୭ ଦିନ ମଧ୍ୟରେ ହେବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ଏଥିପାଇଁ କେବଳ ଏକ ଅଭିଯୋଗ ଦେବାକୁ ପଡ଼ିବ। ହେଲେ ଲୋକେ ଅଭିଯୋଗ ଦେଇ ମାସ ମାସ ଅପେକ୍ଷା କରୁଛନ୍ତି। ଷ୍ଟ୍ରିଟ୍ ଲାଇଟ୍ ଜଳିବାର ନାଁ ଧରୁନି। ଏହାପରେ ଲୋକେ ଭାବୁଛନ୍ତି ସାମାଜିକ ଗଣମାଧ୍ୟମରେ ଅଭିଯୋଗ ଜଣାଇଲେ କାଳେ ତାଙ୍କ ଘର ପାଖରେ ରାତିରେ ଆଲୁଅ ଜଳିଯିବ। ହେଲେ କିଛି ବି ହେଉନାହିଁ ବୋଲି ଅଭିଯୋଗ ହେଉଛି। ଷ୍ଟ୍ରିଟ୍ ଲାଇଟ୍ ମରାମତି ପାଇଁ ବିଏମ୍‌ସି ଦୁଇଟି ଠିକା ସଂସ୍ଥା ନିୟୋଜିତ କରିଛି। ଏହି ସଂସ୍ଥା ଅନେକ ସମୟରେ କାର୍ଯ୍ୟ ଅବହେଳା ପ୍ରଦର୍ଶନ ମଧ୍ୟ କରୁଥିବା ଅଭିଯୋଗ ହେଉଛି। ଏକଥା ବିଗତ ଦିନରେ କର୍ପୋରେସନ୍ ବୈଠକରେ ମଧ୍ୟ ଉଠିଥିଲା। ସଂସ୍ଥା କାମ ଠିକ୍ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି କର୍ପୋରେଟରମାନଙ୍କୁ ଆଶ୍ୱସ୍ତ କରିଥିଲା। ଏହା ସତ୍ତ୍ୱେ ମଧ୍ୟ ବିଏମ୍‌ସି ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ରହିବା ଏବଂ ସଂସ୍ଥାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ କୁହାଯାଇଛି। ଏନେଇ ବିଭାଗୀୟ ଅଧିକାରୀ ସୁକାନ୍ତ ସାବତ କହିଛନ୍ତି, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାର ଅଭିଯୋଗ ଉପରେ ୨ରୁ ୩ ଦିନ ମଧ୍ୟରେ କାମ ହେଉଛି। ଯଦି ଠିକାସଂସ୍ଥା ଅଭିଯୋଗ ଶୁଣୁନାହିଁ, ତେବେ ଆମେ ଉକ୍ତ ସଂସ୍ଥାକୁ ଦଣ୍ଡିତ କରିବା ସହ ସେମାନଙ୍କଠାରୁ ଫାଇନ୍ ଆଦାୟ କରୁଛୁ। ଅନ୍ୟପକ୍ଷରେ ଷ୍ଟ୍ରିଟ୍ ଲାଇଟ୍ ସମ୍ପର୍କିତ ଅଭିଯୋଗ ପାଇଁ ବିଏମ୍‌ସି ଏକ ଟୋଲ୍ ଫ୍ରି ନମ୍ବର ଜାରି କରିଛି। ହେଲେ ଏହି ଟୋଲ୍ ଫ୍ରି ଅଧିକାଂଶ ସମୟରେ କାମକରୁ ନାହିଁ ବୋଲି ଅଭିଯୋଗ ହେଉଛି।

### କଂଗ୍ରେସର ବିଧାନସଭା ଘେରଉ

## ଜଗିବେ ୮୦ ପ୍ଲାଟୁନ ପୁଲିସ ଫୋର୍ସ

**ରାଜମହଲରୁ ରୂପାଲି ୬ ଘଣ୍ଟା କଟକଣା**

**ହାବିଲଦାର ଓ କନଷ୍ଟେବଲଙ୍କ ଛୁଟି ବାତିଲ୍**

ଭୁବନେଶ୍ୱର, ୨୬।୩(ସମିସ): ଗୁରୁବାର ବିଧାନସଭା ଘେରଉ କରିବ କଂଗ୍ରେସ। ଏଥିପାଇଁ କମିସନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। ଏଥିନିମନ୍ତେ ୧୦ ପ୍ଲାଟୁନ ମହିଳା ପୁଲିସ ସହ ମୋଟ ୮୦ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ କରାଯିବ। ଏଜି ଛକ, ଲୋକସେବା ଭବନ ଗେଟ, ବିଧାନସଭାର ୪ଟି ଗେଟ, ରବୀନ୍ଦ୍ର ମଣ୍ଡପ ଛକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଛକ, ଲୋୟର ପିଏମଜି, ମାଷ୍ଟରକ୍ୟାଣ୍ଟିନ ଛକରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହେବେ। ଏଥିରେ ବିଶୃଙ୍ଖଳ ଆଚରଣ ବା ଆଇନ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସେହିପରି କଂଗ୍ରେସ ପକ୍ଷରୁ ବିଧାନସଭା ଓ ଏହାର ଆଖପାଖ ଅଞ୍ଚଳରେ ବିକ୍ଷୋଭ ପ୍ରଦର୍ଶନ ହେବ। ଏହାକୁ ଦୃଷ୍ଟିରେ ରଖି ରାଜମହଲ ଛକଠାରୁ ରୂପାଲି ଛକର ଉଭୟ ପାର୍ଶ୍ୱ ରାସ୍ତାରେ ସକାଳ ୯ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ହେବାର ଆଶଙ୍କା କରାଯାଉଛି। ଏହି ଟ୍ରାଫିକ ସମସ୍ୟା ଏଡ଼େଇବା ଲାଗି କମିସନରେଟ ପୁଲିସ ଉକ୍ତ ରାସ୍ତାରେ ନ ଯାଇ ଅନ୍ୟ ରାସ୍ତା ଦେଇ ଯିବା ଲାଗି ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏହା ସହ ଦ୍ୱୈତନଗରୀରେ କାର୍ଯ୍ୟ କରୁଥିବା ହାବିଲଦାର, କନଷ୍ଟେବଳ ଓ ସିପାହୀଙ୍କ ଛୁଟି ବାତିଲ କରାଯାଇଛି। ଆଗାମୀ ୫ଦିନ ପର୍ଯ୍ୟନ୍ତ ଛୁଟିରେ ନ ଯିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଛୁଟିରେ ଥିବା ପୁଲିସ କର୍ମଚାରୀମାନେ ଗୁରୁବାର ସକାଳ ୮ଟା ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ସାଢ଼େ ୯ଟା ସୁଦ୍ଧା ପହଞ୍ଚିବେ ସରକାରୀ କର୍ମଚାରୀ

ଗୁରୁବାର କଂଗ୍ରେସ ପକ୍ଷରୁ ବିଧାନସଭା ଘେରଉ ଲାଗି ରଣହୁଙ୍କାର ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ ଓ କୃଷି ଭବନରେ କାର୍ଯ୍ୟରତ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଗୁରୁବାର ସକାଳ ସାଢ଼େ ୯ଟା ସୁଦ୍ଧା କାର୍ଯ୍ୟାଳୟରେ ପହଞ୍ଚିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ୧୦ଟା ୧୫ ସୁଦ୍ଧା ଲୋକସେବା ଭବନ ମୁଖ୍ୟ ଫାଟକ ବନ୍ଦ ରହିବ। ଏହି ବିଭାଗଗୁଡ଼ିକରେ ପ୍ରବେଶ କରୁଥିବା ବ୍ୟକ୍ତିଙ୍କ ପରିଚୟପତ୍ରକୁ ଯାଞ୍ଚ କରି ପ୍ରବେଶ ଲାଗି ଅନୁମତି ଦେବାକୁ ସୁରକ୍ଷା କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବିଭାଗଗୁଡ଼ିକ ପରିଦର୍ଶନରେ ଯାଉଥିବା ବ୍ୟକ୍ତିଙ୍କ ଲାଗି କଟକଣା ଲଗାଯାଇଛି। ଗୋଟିଏ ଦିନ ପାଇଁ ସେଠାରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ବ୍ୟତୀତ ଆଉ କାହାରିକୁ ଯିବାକୁ ଅନୁମତି ମିଳିବନି। ଏଥିରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

### ମିଛ କନିଆ ସତ ଠକେଇ

## ବନ୍ଧା ହେଲେ ମାଆ ଓ ବିବାହିତା ଝିଅ





**■ ସରିଥିଲା ନିର୍ବନ୍ଧ; ହୋଇଥା'ନ୍ତା ବାହାଘର**

**■ ଆନ୍ଧ୍ର ଯୁବକଙ୍କୁ ଚୂନ ଲଗାଇଥିଲେ**

ଭୁବନେଶ୍ୱର, ୨୬।୩(ସମିସ): ମଧ୍ୟସ୍ଥି ମାଧ୍ୟମରେ ସବୁ ଠିକ୍‌ଠାକ୍ ହୋଇଥିଲା। ଓଡ଼ିଆ ଯୁବତୀଙ୍କୁ ପସନ୍ଦ କରିଥିଲେ ଆନ୍ଧ୍ର ବର। ଖାଲି ପସନ୍ଦ କରିନଥିଲେ, ବରଂ ଗତ ସପ୍ତାହରେ ଖୁବ୍ ଧୁମ୍‌ଧାମ୍‌ରେ ନିର୍ବନ୍ଧ ମଧ୍ୟ ହୋଇଥିଲା। ଓଡ଼ିଆ ଝିଅକୁ ବୋହୂ କରିବେ ବୋଲି ବେକକୁ ହାର, ହାତକୁ ମୁଦି ଆଉ ଗୋଡ଼କୁ ଝୁଣ୍ଟିଆ ଦେଇଥିଲେ ଆନ୍ଧ୍ରପ୍ରଦେଶର ପରିବାର। ହେଲେ ବିବାହ ତାରିଖ ଧାର୍ଯ୍ୟ କରିବାକୁ ଫୋନ୍ କରିବାରୁ ମଧ୍ୟସ୍ଥି ଆଉ ଫୋନ୍ ଉଠାଇ ନ ଥିଲେ। ଖୋଳତାଡ଼ କରିବା ପରେ ଝିଅ ବିବାହିତା ଓ ତାଙ୍କର ପୁଅ ଥିବା ଜଣାପଡ଼ିଥିଲା। ବିବାହ କରିବା ଆଳରେ ଆନ୍ଧ୍ର ଯୁବକଙ୍କୁ ଚୂନ ଲଗାଇଥିବା ମାଆ ଓ ବିବାହିତା ଝିଅଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ମହିଳା ହେଲେ ନୟାଗଡ଼ ଜିଲ୍ଲା ମହିପୁରର ମାଆ ମମତା ଦାସ (୩୫) ଓ ଝିଅ ଲକ୍ଷ୍ମୀ ଦାସ (୨୩)।

ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ୍ ଥାନା ଇଚ୍ଛାପୁରର ଏନ୍‌ବି ଶଙ୍କର ବିବାହ କରିବାକୁ ଚାହୁଁଥିବାବେଳେ ଓଡ଼ିଶାର ଜଣେ ମଧ୍ୟସ୍ଥିଙ୍କ ସଂସ୍ପର୍ଶରେ ଆସିଥିଲେ। ମଧ୍ୟସ୍ଥି ଜଣକ ନୂଆପଲ୍ଲୀ ଅଞ୍ଚଳର ଲକ୍ଷ୍ମୀଙ୍କ ଫଟୋ ପଠାଇଥିଲେ। ଶଙ୍କର ଓ ତାଙ୍କ ପରିବାର ପସନ୍ଦ କରିବା ପରେ କଥା ଆଗକୁ ବଢ଼ିଥିଲା। ଖୁବ୍ କମ୍ ସମୟ ମଧ୍ୟରେ ନିର୍ବନ୍ଧ ତାରିଖ ସ୍ଥିର ହୋଇଥିଲା। ଗତ ଶୁକ୍ରବାର ନୂଆପଲ୍ଲୀ ଅଞ୍ଚଳରେ ଥିବା ଏକ ହୋଟେଲରେ ନିର୍ବନ୍ଧ ଆୟୋଜିତ ହୋଇଥିବାବେଳେ ୨୩ ତାରିଖରେ ବିବାହ ସ୍ଥିର ହୋଇଥିଲା। ଶଙ୍କରଙ୍କ ପରିବାର ଲୋକେ ଲକ୍ଷ୍ମୀଙ୍କୁ ସୁନା ହାର, ସୁନା ମୁଦି, ରୁପା ଝୁଣ୍ଟିଆ ସାଙ୍ଗକୁ ଅନ୍ୟ ଅଳଙ୍କାର ଓ ୫୦ ହଜାର ଟଙ୍କା ଦେଇଥିଲେ। ହେଲେ ନିର୍ବନ୍ଧ ପରେ ମଧ୍ୟସ୍ଥି ଆଉ ଫୋନ୍ ଉଠାଇ ନ ଥିଲେ। ଗଡ଼ବଡ଼ ଥିବା ସନ୍ଦେହ କରି ଶଙ୍କର ଖୋଳତାଡ଼ ଆରମ୍ଭ କରିଥିଲେ। ଲକ୍ଷ୍ମୀ ବିବାହିତା ଓ ତାଙ୍କର ପୁଅ ଥିବା ଜାଣିବା ପରେ ପାଦତଳୁ ମାଟି ଖସି ଯାଇଥିଲା। ଆଉ ତା'ପରେ ଶଙ୍କରଙ୍କ ପରିବାର ଲୋକେ ସୁନାଗହଣା ଓ ଟଙ୍କା ଫେରାଇବାକୁ କହିଥିଲେ। ହେଲେ ମମତା ଫେରାଇବା ପରିବର୍ତ୍ତେ ଓଲଟି ଧମକ ଦେଇଥିଲେ। ଶେଷରେ ଶଙ୍କରଙ୍କ ମାଆ କୁମାରୀ ଲିମାଇ ନୂଆପଲ୍ଲୀ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାଆ ଓ ଝିଅଙ୍କୁ ଥାନାକୁ ଡାକିଥିଲେ ମଧ୍ୟ ସେମାନେ ଆସି ନ ଥିଲେ। ନୂଆପଲ୍ଲୀ ଥାନା ପୁଲିସ ନୟାଗଡ଼ରେ ଚଢ଼ଉ କରି ଦୁଇ ଜଣଙ୍କୁ କାବୁ କରିଥିଲା। ପଚରାଉଚରା ପରେ ପୂରା ଘଟଣା ପଦାକୁ ଆସିଥିଲା। ଲକ୍ଷ୍ମୀ ପୂର୍ବରୁ ଚନ୍ଦ୍ରଶେଖରପୁର ଅଞ୍ଚଳରେ ବିବାହ କରିଥିବାବେଳେ ତାଙ୍କର ପୁଅ ମଧ୍ୟ ଥିବା ଜଣାପଡ଼ିଥିଲା। ସ୍ୱାମୀଙ୍କ ସହିତ ମତାନ୍ତର ଯୋଗୁଁ ଲକ୍ଷ୍ମୀ ଆସି ମାଆ ମମତାଙ୍କ ସହିତ ରହୁଛନ୍ତି। ନୂଆପଲ୍ଲୀ ଥାନା ପୁଲିସ ମାଆ ଓ ଝିଅଙ୍କଠାରୁ ରୁପା ଝୁଣ୍ଟିଆ ଜବତ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।



ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡିର ଧାରଣା









ବିଧାନସଭାରୁ କଂଗ୍ରେସ ବିଧାୟକଙ୍କ ନିଲମ୍ବନ ବିରୋଧରେ ଦଳୀୟ ନେତା ଓ କର୍ମୀଙ୍କ ଧାରଣା ଓ ପ୍ରତିବାଦ

# ରୁକୁଣା ରଥଯାତ୍ରା ପାଇଁ ଚକଅଖ ଅନୁକୂଳ



ଭୁବନେଶ୍ୱର, ୨୬।୩(ସମିସ): ରୁକୁଣା ରଥଯାତ୍ରାକୁ ଆଉ ମାତ୍ର ୧୦ଦିନ ଥିବାବେଳେ ବୁଧବାର ରାଜଦାଣ୍ଡରେ ଚକଅଖ ଅନୁକୂଳ ହୋଇଯାଇଛି। ରଥଖଳାରୁ ଚାରିଟା ଚକ ଓ ଦୁଇଟି ଅଖକୁ ସେବାୟତ ମହାରଣା ଓ ମହାରଣା କାରିଗରମାନେ ରାଜଦାଣ୍ଡକୁ ଆଣିଥିଲେ। ପରେ ଚକଅଖ ପାଖରେ କଳସ ସ୍ଥାପନ ହେବା ସହ ଭୋଗ ଲାଗି ହୋଇ ପୂଜାପଣ୍ଡାଙ୍କ ଦ୍ୱାରା ଆଳତୀ କରାଯାଇଥିଲା। ଏହି ପୂଜାରେ ସମସ୍ତ ସେବାୟତ ମହାରଣା, ମହାରଣା କାରିଗର, ପାଳିଆ ପୂଜାପଣ୍ଡା, ପତ୍ରୀ ସେବାୟତ, ମନ୍ଦିର କର୍ମଚାରୀ, ନୀତି ସୁପରଭାଇଜର ଉପସ୍ଥିତ ଥିଲେ। ଚକଅଖ ପୂଜା ସରିବା ପରେ ଚାରିଟା ଚକରେ ଅଖ ସଂଯୋଗ ହୋଇ ଚାରିଗୋଟି ଦଣ୍ଡ ପଡ଼ି ରଥର ଭୂମି କାର୍ଯ୍ୟ ଆରମ୍ଭ ହୋଇଥିଲା।

ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିର କାର୍ଯ୍ୟାଳୟରେ ପ୍ରଥମ ବୈଠକ ନୀତି ନିର୍ଘଣ୍ଟ ଉପରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆସନ୍ତା ୫ତାରିଖ ଅଶୋକାଷ୍ଟମୀ ଦିନ ଭୋର୍ ୫ଟାରୁ ୫ଟା ୩୦ ମିନିଟ୍‌ରେ ମଙ୍ଗଳ ଆଳତୀ ଓ ଅବକାଶ, ୫.୩୦ରେ ରୋଷ ହୋମ ଓ ପାକ କାର୍ଯ୍ୟ ସହିତ ୬ଟା ୩୦ ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ, ୬ଟା ୩୦ରୁ ୭ଟା ପର୍ଯ୍ୟନ୍ତ ଛାମୁ ପରିଷ୍କାର, ୭ଟାରୁ ୮ଟା ମହାସ୍ନାନ, ବେଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ଚାଲିବ। ସେହିପରି ୮ଟାରୁ ୮ଟା ୨୦ ଶ୍ରୀଜିଉଙ୍କ ବଲ୍ଲଭ, ୮.୨୦ରୁ ୮.୩୦ ଶ୍ରୀଭୁବନେଶ୍ୱରୀଙ୍କ ବଲ୍ଲଭ, ୮.୩୦ରୁ ୯.୧୫ ଶ୍ରୀଜିଉଙ୍କ ସକାଳ ଧୂପ, ୯.୧୫ରୁ ୯.୪୫ ଭୁବନେଶ୍ୱରୀଙ୍କ ସକାଳ ଧୂପ, ୯ଟା ୪୫ରୁ ୧୦ଟା ୪୫ ଭୋଗ ମଣ୍ଡପ, ୧୦ଟା ୪୫ରୁ ୧୧ଟା ସୂର୍ଯ୍ୟ ପୂଜା, ୧୧ଟାରୁ ୧୧ଟା ୧୫ ଦ୍ୱାରପାଳ ପୂଜା, ୧୧ଟା ୧୫ରୁ ୧୧ଟା ୩୦ ମହାସ୍ନାନ, ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ବେଶ, ୧୨ଟାରୁ ୧୨ଟା ୩୦ ଯାତ୍ରାପୂଜା, ୧୨ଟା ୩୦ରୁ ଅପରାହ୍ଣ ୧.୩୦ ଶ୍ରୀଜିଉଙ୍କ ପହଣ୍ଡି ଓ ରଥାରୁଢ଼, ୧.୩୦ରୁ ୩.୩୦ ରଥରେ ପୂଜା, ୩.୩୦ରୁ ରଥଟଣା ଆରମ୍ଭ ହେବ। ସନ୍ଧ୍ୟା ୭.୩୦ରେ ଶ୍ରୀରାମେଶ୍ୱର ମନ୍ଦିରକୁ ବିଜେ, ୭.୩୦ରୁ ଶ୍ରୀଜିଉଙ୍କ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ।

ସେହିପରି ୯ ତାରିଖ ବାହୁଡ଼ା ଯାତ୍ରା ଦିନ ଭୋର୍ ୬.୩୦ରେ ମଙ୍ଗଳ ଆଳତୀ ଓ ଅବକାଶ, ୮.୩୦ରେ ରୋଷ ହୋମ ଓ ପାକ କାର୍ଯ୍ୟ, ୬.୩୦ରୁ ୯.୩୦ ସାହାଣମେଳା, ୯.୩୦ରୁ ୧୦ଟା ଛାମୁ ପରିଷ୍କାର, ୧୦ଟାରୁ ୧୦.୩୦ ମହାସ୍ନାନ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ଅନୁଷ୍ଠିତ ହେବ। ଏହାପରେ ୧୦.୩୦ରୁ ୧୧.୩୦ ଶ୍ରୀଜିଉଙ୍କ ବଲ୍ଲଭ, ଭୁବନେଶ୍ୱରୀଙ୍କ ବଲ୍ଲଭ ଓ ସକାଳ ଧୂପ, ୧୧.୩୦ରୁ ମଧ୍ୟାହ୍ନ ୧୨.୩୦ ଭୋଗ ମଣ୍ଡପ, ମଧ୍ୟାହ୍ନ ୧୨.୩୦ରୁ ଅପରାହ୍ଣ ୧.୩୦ ଅଧରପଣା ପୂଜା, ୧.୩୦ରୁ ୩.୩୦ ପହଣ୍ଡି, ୩.୩୦ରୁ ରଥଟଣା ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବ୍ରାହ୍ମଣ ପୂଜାପଣ୍ଡା, ସାମର୍ଥା ସେବାୟତଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଡ. ଦେବେନ୍ଦ୍ର ପ୍ରଧାନ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ଆଲୋକବର୍ତ୍ତିକା: ରାଜ୍ୟପାଳ



ଭୁବନେଶ୍ୱର, ୨୬।୩(ସମିସ):ପ୍ରବୀଣ ରାଜନେତା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନ ଭବିଷ୍ୟତ ପିଢ଼ି ପାଇଁ ସର୍ବଦା ପ୍ରେରଣାର ଆଲୋକବର୍ତ୍ତିକା ହୋଇ ରହିବେ ବୋଲି କହିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ମରଣିକା 'ସିଦ୍ଧ ପୁରୁଷ'ର ଉନ୍ମୋଚନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ଏହି ସ୍ମରଣିକା ରାଜନେତା ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କର କେବଳ ଏକ ସ୍ମୃତି ନୁହେଁ, ଏହା ଜଣେ ଜ୍ଞାନୀ, ଦୃଢ଼ ପ୍ରତିଜ୍ଞ, କର୍ମ ଉପରେ ବିଶ୍ୱାସ କରୁଥିବା, ନିଃସ୍ୱାର୍ଥପର ସେବା କରୁଥିବା ବ୍ୟକ୍ତିତ୍ୱଙ୍କ ସଫଳଯାତ୍ରାର ପ୍ରତିଲିପି। ସ୍ୱର୍ଗତଃ ପ୍ରଧାନଙ୍କର ଜୀବନ କାହାଣୀ ଆମକୁ ସମର୍ପଣ, ଦୃଢ଼ତା ଏବଂ ବୃହତ୍ତର ମଙ୍ଗଳ ପାଇଁ କାର୍ଯ୍ୟ କରିବାର ଏକ ନିରନ୍ତର ସଂକଳ୍ପ ନେବାକୁ ପ୍ରେରଣା ଦେବ। ଡା. ପ୍ରଧାନଙ୍କଠାରେ ଜଣେ ଯଥାର୍ଥ ରାଜନେତାଙ୍କ ଗୁଣ ଥିଲା, ଯିଏ ସର୍ବୋପରି ଲୋକଙ୍କ କଲ୍ୟାଣକୁ ଜୀବନର ବ୍ରତ ଭାବି ଥିଲେ। ଓଡ଼ିଶା ପ୍ରତି ଡା. ପ୍ରଧାନଙ୍କର ଅବଦାନ ସୁଦୂରପ୍ରସାରୀ ଥିଲା। ରାଜ୍ୟର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ, ଉନ୍ନତି ସଂଯୋଗୀକରଣ ବ୍ୟବସ୍ଥା, ଚାଷୀମାନଙ୍କର ଉନ୍ନତି ପାଇଁ କୃଷି ସଂସ୍କାରକୁ ପ୍ରୋତ୍ସାହିତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଜଣେ ମାର୍ଗଦର୍ଶକ, ପ୍ରେରଣାର ଉତ୍ସ, ଜନ କଲ୍ୟାଣ ପାଇଁ ସମର୍ପଣ ଭାବ ପାଇଁ ଡା. ପ୍ରଧାନ ସର୍ବଦା ସ୍ମରଣୀୟ ରହିବେ ବୋଲି ରାଜ୍ୟପାଳ କହିଥିଲେ। ଅନ୍ୟତମ ଅତିଥିଭାବରେ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ, ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ପ୍ରକାଶକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତଥିଲେ।

# ଅସହ୍ୟ ଗରମ; ଆଶ୍ରା ଦେଇଛି ବରମୁଣ୍ଡା ବସ୍‌ଷ୍ଟାଣ୍ଡ



ଭୁବନେଶ୍ୱର, ୨୬।୩(ସମିସ): ଖରା ଜୋର୍‌ରେ ହେଉଥିବାରୁ ଲୋକମାନେ ଗରମରେ ଆଉଟୁପାଉଟୁ ହୋଇ ପଡୁଛନ୍ତି। ଫଳରେ ଛାଇ ଖୋଜୁଛନ୍ତି। ଯେଉଁଠି ଟିକିଏ ଛାଇ ଦେଖାଯାଉଛି, ସେଠାରେ ଲୋକେ ରୁଣ୍ଡ ହୋଇଯାଉଛନ୍ତି। ଖରା ଜୋର୍‌ରେ ହେଉଥିବାରୁ ଅନେକ ଲୋକ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଭିତରେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଆଶ୍ରୟ ନେଉଛନ୍ତି। ଦୂର ସ୍ଥାନକୁ ଯାତ୍ରା କରୁଥିବା ଲୋକମାନେ ମଧ୍ୟ ସମୟ ଆଗରୁ ଆସି ବସ୍‌ଷ୍ଟାଣ୍ଡ ଭିତରେ ଅପେକ୍ଷା କରୁଛନ୍ତି। କେବଳ ଯାତ୍ରୀ ନୁହନ୍ତି; ବସ୍‌ଷ୍ଟାଣ୍ଡ ଆଖପାଖ ଲୋକମାନେ ମଧ୍ୟ ଖରାବେଳେ ସମୟଟା ଅତିବାହିତ କରୁଛନ୍ତି। ପାଞ୍ଚ ଟଙ୍କିଆ ମିଲ୍ ସହିତ ଅନ୍ୟ ଖାଦ୍ୟର ମଧ୍ୟ ସୁବିଧା ସହ ବିଶେଷ କରି ଏସିର ସୁବିଧା ଥିବାରୁ ଲୋକମାନଙ୍କୁ ଆଉ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁନାହିଁ। ଏଥିସହିତ ଅନେକ ଯୁବପିଢ଼ି ମଧ୍ୟ ଏଠାରେ ବସି ପଢ଼ାପଢ଼ି ବି କରିପାରୁଛନ୍ତି।

ଖରା ସମୟରେ ସହରର ବିଭିନ୍ନ ପାର୍କକୁ ମଧ୍ୟ ଏତେ କେହି ଆସୁନାହାନ୍ତି। ସନ୍ଧ୍ୟା ସମୟରେ ପାର୍କରେ ଲୋକ ଗହଳି ହେବାବେଳେ ଦିନରେ ରାଜ୍ୟ ସଂଗ୍ରହାଳୟ, ଆଦିବାସୀ ସଂଗ୍ରହାଳୟ ସହିତ ବଡ଼ ବଡ଼ ମଲ୍‌ରେ ଯୁବପିଢ଼ିଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏନେଇ ବରମୁଣ୍ଡାରେ ବସ୍‌କୁ ଅପେକ୍ଷା କରିଥିବା ସୁନ୍ଦରଗଡ଼ର ଶ୍ୱାତୀଲଗ୍ନା ସାହୁ କୁହନ୍ତି, ଯେଉଁଭଳି ଖରା ହେଉଛି ବାହାରେ ବୁଲିବା ସମ୍ଭବ ନୁହେଁ। ଏଠାରେ ଛୁଆ ଖେଳିବା ବି ସୁବିଧା ରହିଛି। ଏଣୁ ସମୟ ଆଗରୁ ଆସିଗଲୁ ବୋଲି କହିଛନ୍ତି। ବରମୁଣ୍ଡା ପାଖରେ ରହୁଥିବା ଜଣେ ବ୍ୟକ୍ତି କୁହନ୍ତି, ସବୁଦିନ ସେ ଏଠାକୁ ଆସୁଛନ୍ତି। ଖରା ଜୋର୍‌ରେ ହେଉଥିବାରୁ ବାହାରକୁ ଆଉ କେଉଁଆଡ଼େ ଯାଇ ହେଉନାହିଁ। ଏଠାରେ ଥଣ୍ଡା ଲାଗୁଛି। ଖବରକାଗଜ ବସି ପଢ଼ିବାକୁ ସୁବିଧା ଅଛି। ଏଣୁ ଏଠାକୁ ଆସି ଖରାବେଳ ସମୟଟା ପଢ଼ାପଢ଼ି କରୁଛି ବୋଲି କହିଛନ୍ତି।

# ଥିଏଟର ପ୍ରତି ଯୁବପିଢ଼ି ଅନାଗ୍ରହୀ



ଭୁବନେଶ୍ୱର, ୨୬।୩(ସମିସ): ଦୁନିଆ ବଦଳିବା ସହ ଲୋକଙ୍କ ପସନ୍ଦ ମଧ୍ୟ ବଦଳିବାରେ ଲାଗିଛି। ସେଥିପାଇଁ ସମୟ ସହ ନାଟକ ପ୍ରତି ଲୋକଙ୍କର ଆଗ୍ରହ ଆଗ ଅପେକ୍ଷା କମିଥିବା ପରିଲକ୍ଷିତ ହେଉଛି। ତେଣୁ ନାଟକ ପ୍ରତି ଲୋକଙ୍କର ଆଗ୍ରହକୁ ଜାଗ୍ରତ କରିବା ପାଇଁ ଓଡ଼ିଶା ନାଟ୍ୟକାର ପକ୍ଷରୁ ପ୍ରତିବର୍ଷ ମାର୍ଚ୍ଚ ୨୭କୁ ବିଶ୍ୱ ନାଟକ ଦିବସ ଭାବେ ପାଳନ କରାଯାଉଛି। ନାଟକ ହେଉଛି ସମାଜର ଏକ ନିରନ୍ତର ପ୍ରତିଛବି। ଯାହା ସମାଜରେ ଘଟୁଥିବା ବା ଘଟିଯାଇଥିବା ଘଟଣାବଳୀକୁ ସିଧାସଳଖ ଭାବେ ନାଟକ ମାଧ୍ୟମରେ ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯାଇଥାଏ। ନାଚ, ଗୀତ, ସାହିତ୍ୟ, ସଂସ୍କୃତି ଓ ଭାସ୍କର୍ଯ୍ୟଠାରୁ ଆରମ୍ଭ କରି ସମସ୍ତ କଳାର ମିଶ୍ରିତ ରୂପ 'ନାଟକ' ବୋଲି କୁହାଯାଏ। ଦର୍ଶକଙ୍କୁ କିଛି ନିଆରା ମନୋରଞ୍ଜନ ଦେବା ପାଇଁ କିଛି ନାଟ୍ୟକାର ନିଜ ସୃଜନଶୀଳତାରେ ପୌରାଣିକ କଥାବସ୍ତୁକୁ ନେଇ ଦର୍ଶକଙ୍କ ସମ୍ମୁଖକୁ ଆଣିବାର ପ୍ରୟାସ କଲେ। ସେବେଠାରୁ ଏହା ବେଶ୍ ଦର୍ଶନୀୟ ଆଦୃତି ମଧ୍ୟ ପାଇଛି। ହେଲେ ଆବଶ୍ୟକ ଭିତ୍ତିଭୂମିର ଅଭାବ ନାଟକ ଓ ନାଟ୍ୟ କଳାକାରଙ୍କୁ ପଙ୍ଗୁ କରିବାରେ ବସିଲାଣି ବୋଲି କିଛି ପୁରୁଣା ନାଟକପ୍ରେମୀ ମତ ଦେଇଛନ୍ତି। ଓଡ଼ିଆ ନାଟକ ଏବଂ ଥିଏଟର ଶୋ' ପ୍ରତି ପୂର୍ବରୁ ଲୋକଙ୍କ ଦେଖିବାରେ ଏବଂ ପରିବେଷଣ କରିବାରେ ରୁଚି ରହି ଆସିଛି। ଧୀରେ ଧୀରେ ଯୁବପିଢ଼ି ମଧ୍ୟ ଏ ଦିଗରେ ମନ ବଳେଇଲେ ଏବଂ ଅଭିନୟ ଶିଖିବାକୁ ଚାହିଁଲେ। ବିଭିନ୍ନ ସରକାରୀ ତଥା ଘରୋଇ ଡ୍ରାମା ସ୍କୁଲରୁ ପ୍ରଶିକ୍ଷଣ ମଧ୍ୟ ନେଲେ। କିନ୍ତୁ ଆଗ ଅପେକ୍ଷା ଦର୍ଶକ ମଧ୍ୟ ଏବେ ମଞ୍ଚ ନାଟକ ପ୍ରତି ସେତେ ଆଗ୍ରହୀ ହେଉନାହାନ୍ତି। କେବଳ ଦର୍ଶକ ନୁହେଁ ବରଂ ପ୍ରୋତ୍ସାହନ ଅଭାବରୁ ବର୍ତ୍ତମାନର ଯୁବପିଢ଼ି ଅଭିନୟରେ ଆସୁଛନ୍ତି ସତ; ହେଲେ ନାଟକ ବା ଥିଏଟର ପ୍ରତି ମନ ବଳାଉ ନ ଥିବା ପରିଲକ୍ଷିତ ହେଉଛି।

ସୂଚନା ଅନୁଯାୟୀ, ବର୍ତ୍ତମାନ ରାଜଧାନୀରେ ପାଖାପାଖି ୧୦ରୁ ୧୩ଟି ଘରୋଇ ସଂସ୍ଥା ଏହି ପ୍ରଶିକ୍ଷଣ ଦେଉଥିଲାବେଳେ ସରକାରୀସ୍ତରରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ମଧ୍ୟ ଏହି ଅଭିନୟ କଳାର ସ୍ୱତନ୍ତ୍ର କୋର୍ସ ରହିଛି। ସରକାରୀ ଏବଂ ଘରୋଇ ସଂସ୍ଥାରୁ ବର୍ଷକୁ ମୋଟ୍ ୨୦୦ରୁ ୨୫୦ ପାଖାପାଖି ପିଲା ନାମ ଲେଖାଉଛନ୍ତି। ହେଲେ ପାସ୍ ହେଲାପରେ ୫୦ରୁ ୧୦୦ ପିଲା ହିଁ ଏଠାରେ ରହି ବିଭିନ୍ନ ନାଟକ ଓ ଥିଏଟର ଶୋ' ମାଧ୍ୟମରେ ନିଜ କ୍ୟାରିଅର ଗଢୁଛନ୍ତି। ବଳକା ସିରିଏଲ୍, ସିନେମା ଏବଂ ୱେବ୍‌ସିରିଜ୍ କରିବାକୁ ମନ ବଳାଉଥିବା ପରିଲକ୍ଷିତ ହେଉଛି। ଏହାର ପ୍ରମୁଖ କାରଣ ହେଲା ସରକାରୀ ପ୍ରୋତ୍ସାହନର ଅଭାବ ସହିତ ଦର୍ଶକ କମିବା। କେବଳ ଓଡ଼ିଆ ନାଟକରେ ପେଟ ପୋଷିବା ସମ୍ଭବ ନୁହଁ ବୋଲି କଳାକାର ମତ ଦେଉଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ମୁଖ୍ୟ ସମସ୍ୟା ହେଲା ମଞ୍ଚ ପାଇଁ ଦର୍ଶକ ନାହାନ୍ତି ଏବଂ କଳାକାରମାନଙ୍କୁ ସେମାନଙ୍କ ଉଚିତ୍ ପ୍ରାପ୍ୟ ନ ମିଳିବା ସହିତ ମଞ୍ଚଗୁଡ଼ିକରେ ନାଟକ ପରିବେଷଣ ପାଇଁ ଅଧିକ ମୂଲ୍ୟ ଦେବାକୁ ପଡୁଛି। ଫଳରେ ଦର୍ଶକ ନ ଆସିବାରୁ ଅନୁଷ୍ଠାନଗୁଡ଼ିକ କ୍ଷତି ସହୁଛନ୍ତି। ସେହିପରି ରାଜଧାନୀରେ 'ରବୀନ୍ଦ୍ର ମଣ୍ଡପ'କୁ ବାଦ୍ ଦେଲେ କିଛି ନାଟକ ଭଞ୍ଜକଳା ମଣ୍ଡପରେ ପରିବେଷଣ କରାଯାଉଥିଲେ ମଧ୍ୟ ଭିତ୍ତିଭୂମି ସନ୍ତୋଷଜନକ ନୁହେଁ। ଦିନକୁ ଦିନ ଏଭଳି ଦୁଃସ୍ଥିତି ଯୋଗୁଁ ନାଟକ ପରିବେଷଣ କରିବାକୁ ଚାହୁଁଥିବା କିଛି ସଂସ୍ଥା ମଧ୍ୟ ପଛଘୁଞ୍ଚା ଦେଉଛନ୍ତି।

- ସରକାରୀ ପ୍ରୋତ୍ସାହନର ଅଭାବ ଓ କମ୍ ପ୍ରାପ୍ୟ ସାଜୁଛି ବାଧକ
- ଭଲ ପ୍ରେକ୍ଷାଳୟ ନ ଥିବାରୁ କଳାକାର ଅସନ୍ତୋଷ

**ଆଜି ବିଶ୍ୱ ନାଟକ ଦିବସ**



### ସେମାନଙ୍କ ମତରେ...

ଆଜିର ଇଣ୍ଟରନେଟ୍ ଯୁଗରେ ନାଟକକୁ ବଞ୍ଚାଇ ରଖିବା ଅତି କଷ୍ଟକର ବ୍ୟାପାର। ଦର୍ଶକ ନିଜର ହାତ ପାଆନ୍ତାରେ ନିଜ ମନ ମୁତାବକ ଯାହା ଚାହୁଁଛି ତାହା ଉପଭୋଗ କରିପାରୁଛନ୍ତି। ବର୍ତ୍ତମାନ ମନୋରଞ୍ଜନର ମାଧ୍ୟମ ଟିଭି, ସିନେମା, ମୋବାଇଲ୍ ଫୋନ୍, ଓଟିଟି ପ୍ଲାଟ୍‌ଫର୍ମ ହୋଇଯାଇଛି। ତଥାପି ନାଟକ ଏକ ଜୀବନ୍ତ ପ୍ରଦର୍ଶନ କଳା ଅଟେ ଏବଂ ଏହାର ଉତ୍କୃଷ୍ଟତା ଯୁଗେ ଯୁଗେ ରହିଛି। ସେଥିପାଇଁ ଏ ପୃଥିବୀର କୋଣ ଅନୁକୋଣରେ ଥିବା ଅସଂଖ୍ୟ ନାଟ୍ୟ କଳାକାର କଳାକୁ ବଞ୍ଚାଇ ରଖିବା ପାଇଁ ପ୍ରାଣପଣେ ଚେଷ୍ଟା ଜାରି ରଖିଛନ୍ତି।

ଶରତ ସାମ୍ରାଟ, ନାଟ୍ୟ ଅଭିନେତା ଓ ନିର୍ଦ୍ଦେଶକ

ଓଡ଼ିଶା ଥିଏଟରର ଅତୀତ ଅତ୍ୟନ୍ତ ଗୌରବମୟ। ସେହିଭଳି ଅନେକ ସମସ୍ୟା ଉପୁଜିବା ପରେ ମଧ୍ୟ ଓଡ଼ିଶାର ଥିଏଟର ଭାରତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ମୋର ବିଶ୍ୱାସ। ଯାହା ଆମ ଭାଷା, ସାହିତ୍ୟ ଓ ଅସ୍ମିତା ପ୍ରତି ଗୌରବର ବିଷୟ ସାଜିବ।

ପ୍ରକାଶ ମହାରଣା, ନାଟ୍ୟକର୍ମୀ

### ଓମ୍‌ଫେଡ୍‌ର ସାଧାରଣ ପରିଷଦ ବୈଠକ

# କ୍ଷୀର ଦର ବୃଦ୍ଧି ଦାବି

ଭୁବନେଶ୍ୱର, ୨୬।୩(ସମିସ): ଓମ୍‌ଫେଡ୍‌ର ୨୮ତମ ସାଧାରଣ ପରିଷଦ ବୈଠକ ଭୁବନେଶ୍ୱର ସହିଦ ନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓମ୍‌ଫେଡ୍‌ର ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ସୁନୀତା ବରାଳ ଓ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଧାରଣ ପରିଷଦର ସଭାପତି, ସଦସ୍ୟ, ସଦସ୍ୟା ବୈଠକରେ ଯୋଗଦେଇଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାକୁ ସମସ୍ତେ ସ୍ୱାଗତ କରିବା ସହ ମାଈ ବାଛୁରୀ ପାଳନ ଯୋଜନାକୁ ଅଭିନନ୍ଦନ ଜଣାଯାଇଛି। ଅପରପକ୍ଷେ ଗୁଣାତ୍ମକ ଦୁଗ୍ଧ ଆମଦାନୀ ଉପରେ ଗୁରୁତ୍ୱାରୋପ କରାଯାଇଛି। ଚାଷୀଙ୍କଠାରୁ ଗୁଣାତ୍ମକ ଦୁଗ୍ଧ ସଂଗ୍ରହ କରିବା ସହ ସଂଗ୍ରହ ପରିମାଣ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଛି। ଏବେ ଦୈନିକ ୫ଲକ୍ଷ ୪୦ ହଜାର ଲିଟର ଦୁଗ୍ଧ ସଂଗ୍ରହ ହେଉଛି। ମାତ୍ର ଆସନ୍ତା ବର୍ଷକୁ ତା'ର ପରିମାଣ ୬ରୁ ୭ ଲକ୍ଷ ଲିଟରକୁ ବୃଦ୍ଧି କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କେବଳ ସଂଗ୍ରହ ବୃଦ୍ଧି ନୁହେଁ, ଓମ୍‌ଫେଡ୍ ଉତ୍ପାଦକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ପାଇଁ ତା'ର ମାର୍କେଟ୍ ବିସ୍ତାର କରିବାକୁ ଆଲୋଚନା ହୋଇଛି। ଗୁଣାତ୍ମକ ଦୁଗ୍ଧ ସଂଗ୍ରହ ପାଇଁ ଅତ୍ୟାଧୁନିକ ପରୀକ୍ଷା ଯନ୍ତ୍ର ବା ଟେଷ୍ଟିଂ ମେସିନ ରାଜ୍ୟ ସରକାର ପ୍ରତ୍ୟେକ ସୋସାଇଟିକୁ ଯୋଗାଇଦେବାକୁ ପରିଷଦର ସଦସ୍ୟ ସଦସ୍ୟା ଅନୁରୋଧ କରିଛନ୍ତି। ଚାଷୀଙ୍କଠାରୁ ସଂଗ୍ରହ ହେଉଥିବା ଦୁଗ୍ଧ ଦାମ୍ ବୃଦ୍ଧି କରିବା ପାଇଁ ପରିଷଦର ସଦସ୍ୟ ସଦସ୍ୟାମାନେ ଦାବି କରିଥିଲେ। ଲିଟର ପିଛା ୪ରୁ ୫ ଟଙ୍କା ବୃଦ୍ଧି କରିବାକୁ ସେମାନେ ଦାବି କରିବା ସହ ଏବେ ରାଜ୍ୟ ସରକାର ଚାଷୀମାନଙ୍କୁ ଲିଟର ପିଛା ୧ରୁ ୫ ଟଙ୍କା ପର୍ଯ୍ୟନ୍ତ ଇନ୍‌ସେଣ୍ଟିଭ୍ ଦେଉଛନ୍ତି। ସେହି ଇନ୍‌ସେଣ୍ଟିଭ୍ ସମସ୍ତଙ୍କୁ ଗୋଟିଏ ପ୍ରକାର ଅର୍ଥାତ୍ ସମସ୍ତଙ୍କୁ ଲିଟର ପିଛା ୫ ଟଙ୍କା ଲେଖାଏଁ ଏବଂ ସବୁ ସମୟରେ ଦେବାକୁ ସେମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ଭୁବନେଶ୍ୱର ସିଟି



# ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ବିଶାଳ ବିକ୍ଷୋଭ

## ଛଟେଇ ବନ୍ଦ ସହିତ ସ୍ଥାୟୀ ନିଯୁକ୍ତି ନ ମିଳିବାଯାଏ ଜାରି ରହିବ ଆନ୍ଦୋଳନ



ଭୁବନେଶ୍ୱର, ୨୬।୩(ସମିସ): ଆନ୍ଦୋଳନକୁ ଓହ୍ଲାଇଛନ୍ତି ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ। ୯ ମାସ ଧରି ଅପେକ୍ଷା କରିବା ପରେ ମଧ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ନ ରଖି ସ୍ଥାୟୀ ନିଯୁକ୍ତି ନ ଦେବାରୁ ବୁଧବାର ଗାନ୍ଧୀମାର୍ଗରେ ହଜାର ହଜାର କର୍ମଚାରୀଙ୍କ ଗର୍ଜନ ଦେଖିବାକୁ ମିଳୁଛି। ତେଣୁ ଛଟେଇ ବନ୍ଦ ସହିତ ସ୍ଥାୟୀ ନିଯୁକ୍ତି ନ ମିଳିବାଯାଏ ଆନ୍ଦୋଳନରୁ ଓହରିବୁନି ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏହାସହ ମହାସଂଘ ପକ୍ଷରୁ କୁହାଯାଇଛି, ଦୀର୍ଘ ୯ ମାସ ଧରି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଉଛି। ୩୦ଟି ସ୍ମାରକପତ୍ର ମଧ୍ୟ ଦିଆଯାଇଛି। ହେଲେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପତ୍ରଟି କେବଳ ଅଧିକାରୀଙ୍କୁ ବଢ଼େଇ ଦେଇ ନିରବ ରହୁଛନ୍ତି। ସ୍ୱାସ୍ଥ୍ୟ, ଅଗ୍ନି ନିର୍ବାପକ, ଜଙ୍ଗଲ, ଜଳଯୋଗାଣରେ ନିୟୋଜିତ ମାତ୍ର ୫ ପ୍ରତିଶତ କର୍ମଚାରୀଙ୍କୁ ଛାଡ଼ି ସମସ୍ତେ ଆନ୍ଦୋଳନରେ ଯୋଗଦେଇଛନ୍ତି। ଡବଲ ଇଞ୍ଜିନ ସରକାର ବୋଲି କହୁଥିବା ସରକାର ଆଉଟ୍‌ସୋର୍ସିଂ ଭଳି ଏକ ଶୋଷଣକାରୀ ବ୍ୟବସ୍ଥାରେ ଛନ୍ଦି ହୋଇ ସ୍ୱଳ୍ପ ପାରିଶ୍ରମିକରେ ବର୍ଷ ବର୍ଷ ନିରନ୍ତର ସେବା ଯୋଗାଇ ଆସୁଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ମିଳିନଥିବା ଅଭିଯୋଗ କରିଛି ସଂଘ। ତୃତୀୟ ପକ୍ଷ ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କୁ ଦୁଇଭାଗରେ ବିଭକ୍ତକରି ଗୋଟିକୁ ପୂରା ଆଉଟ୍‌ସୋର୍ସିଂ କର୍ମଚାରୀ ଭାବେ ଦିଆଯାଇଥିବା ଦରମା ବୃଦ୍ଧି ସାମୟିକ ଛୁଟି, ମାତୃତ୍ୱକାଳୀନ ଛୁଟି, ଦୀର୍ଘ ସେବା ପାଇଁ ପ୍ରୋତ୍ସାହନ ରାଶି, ସଠିକ୍ ସମୟରେ ଦରମା, ଇଏସ୍‌ଆଇ, ଇପିଏଫ୍‌ର ଭରଣା ସମ୍ପର୍କରେ ନୀତିନିର୍ଘଣ୍ଟ କରିବା ସହ ବିଭିନ୍ନ ସୁବିଧା ଅସୁବିଧା ପାଇଁ ପଦବୀ ସୃଷ୍ଟି ଭଳି ଏକାଧିକ ବ୍ୟବସ୍ଥା ହୋଇଥିଲା। ହେଲେ ତାହା କେବଳ କଥାରେ ସୀମିତ ରହିଗଲା। ଅସହାୟ କର୍ମଚାରୀଙ୍କୁ ନ୍ୟାୟ ଦେବା କ'ଣ ଗୋଟିଏ ନିର୍ବାଚିତ ସରକାରଙ୍କର କର୍ତ୍ତବ୍ୟ ନୁହେଁ କି ବୋଲି କର୍ମଚାରୀନେତାମାନେ ପ୍ରଶ୍ନ କରିଛନ୍ତି। ଏହି ବିଶାଳ ବିକ୍ଷୋଭର ନେତୃତ୍ୱ ନେଇ ମହାସଂଘର ରାଜ୍ୟ ଅଧ୍ୟକ୍ଷ ପ୍ରଭାତ ମହାରି ଓ ସଭାପତି ସଞ୍ଜୟ ପଟ୍ଟନାୟକ କହିଛନ୍ତି, ବିଜେପି ସରକାର କ୍ଷମତାକୁ ଆସିଲେ ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବ ବୋଲି ପ୍ରତିଶ୍ରୁତି ଦେଇ ଏତେ ଶୀଘ୍ର ଭୁଲିଗଲେ କେମିତି ବୋଲି ପ୍ରଶ୍ନ କରିଛନ୍ତି। ଏହି ଆନ୍ଦୋଳନକୁ ମହାସଂଘର ମହାସଚିବ ହେମନ୍ତ ବସ୍ତିଆ, ସାଧାରଣ ସମ୍ପାଦକ ମାନସ ରଞ୍ଜନ ଦାଶ, ରାଜ୍ୟ ଯୁଗ୍ମ ସମ୍ପାଦକ ଦୀପକ ପାଣି ପ୍ରମୁଖ ପରିଚାଳନା କରିଥିଲେ।

# ଦିବ୍ୟାଙ୍ଗ ପିଲାଙ୍କୁ ଧରି ଓଡ଼ିଶା ଡୁ୍ୟସେନ୍ ମସ୍କୁଲାର ଡିଷ୍ଟ୍ରୋଫି ସଂଘର ଧାରଣା

ଭୁବନେଶ୍ୱର, ୨୬।୩(ସମିସ): ଓଡ଼ିଶା ଡୁ୍ୟସେନ୍ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏସନ୍‌ର ସମସ୍ତ ସଦସ୍ୟ ସେମାନଙ୍କ ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ଲୋୟର ପିଏମ୍‌ଜିରେ ବୁଧବାର ଧାରଣା ଦେଇଛନ୍ତି। ଡିଏମ୍‌ଡି ଏକ ଆନୁବଂଶିକ ରୋଗ ଯାହା ପିଲାମାନଙ୍କର ମାଂସପେଶୀକୁ କ୍ରମଶଃ ଦୁର୍ବଳ କରିଦେଇଥାଏ। ଏହି ରୋଗରେ ଆକ୍ରାନ୍ତ ପିଲାମାନେ ୧୦ରୁ ୧୨ ବର୍ଷ ବୟସରେ ହୁଇଲ୍ ଚେୟାର ଉପରେ ନିର୍ଭର କରିଥା'ନ୍ତି। ଏହି ପିଲାମାନଙ୍କର ଯତ୍ନ ନେବା ପରିବାର ବର୍ଗ ପକ୍ଷରେ ଏକପ୍ରକାର କଷ୍ଟସାଧ୍ୟ ହୋଇପଡ଼ିଛି। ସ୍କୁଲ ଯିବା, ପାଠ ପଢ଼ିବା, ଅନ୍ୟ ପିଲାମାନଙ୍କ ଭଳି ଖେଳିବା, ବୁଲିବା ପାଇଁ ଆଗ୍ରହ ଥିଲେ ମଧ୍ୟ ଏହି ରୋଗ କାରଣରୁ ସେମାନେ କରିପାରନ୍ତି ନାହିଁ। ନିକଟରେ ଏହି ଆସୋସିଏସନ୍‌ର ସଦସ୍ୟମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାପରେ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଏମ୍‌ସକୁ ଏହି ରୋଗର ଚିକିତ୍ସା ପାଇଁ କୋଲକାତା ସିଇଓଙ୍କୁ କୁହାଯାଇଥିଲା। ମାତ୍ର ସମସ୍ତଙ୍କ ପକ୍ଷେ ଏହା ସମ୍ଭବପର ହୋଇପାରୁନାହିଁ। ଏହି ରୋଗର ଚିକିତ୍ସା ପାଇଁ ଏକ ଜାତୀୟ ନୀତି ବା ଏନ୍‌ପିଆର୍‌ଡି ଥିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଉଦାସିନତା ଯୋଗୁଁ ଚିକିତ୍ସା ସମ୍ଭବପର ହୋଇପାରୁନାହିଁ ବୋଲି ସଂଘ ଅଭିଯୋଗ କରିଛି। ଏହିଭଳି ଅସହ୍ୟ ଯନ୍ତ୍ରଣାରେ ପୀଡ଼ିତ ପିଲାମାନେ ଏବଂ ତାଙ୍କର ପରିବାର ବର୍ଗ ତୁରନ୍ତ ଚିକିତ୍ସା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ସଂଘର ନିଜ ପ୍ରମୁଖ ଦାବି ଯଥା- ଆମେରିକାରୁ ଏହି ଜିନ୍ ଥେରାପି ପ୍ରକ୍ରିୟାକୁ ସାମ୍ବିଧାନିକ ଓ ସରକାରୀ ଭାବେ ଓଡ଼ିଶାକୁ ଆଣି ପୀଡ଼ିତଙ୍କୁ ଚିକିତ୍ସାର ସୁଯୋଗ ଦେବା, ମାଂସପେଶୀଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଶିଶୁଙ୍କୁ ଏକକାଳୀନ ୫୦ଲକ୍ଷ ଟଙ୍କାର ଜୀବନ ବୀମା ପ୍ରଦାନ, ଏହି ସମସ୍ୟାରେ ପୀଡ଼ିତ ଶିଶୁମାନଙ୍କୁ ମାସିକ ୧୫ହଜାର ଟଙ୍କାର ଚିକିତ୍ସା ଭତ୍ତା ପ୍ରଦାନ ଭଳି ମୋଟ ୫ ଦଫା ଦାବି ସଂଘ ଉପସ୍ଥାପନ କରିଛି।



# ସପ୍ତମ କଳାଭୂମି ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, ୨୬।୩(ସମିସ): ଅନନ୍ୟ କଳାର ରାଜ୍ୟ ଓଡ଼ିଶା। ଏହାର ସମୃଦ୍ଧ ହସ୍ତଶିଳ୍ପ ଓ ଗରିମାମୟ ହସ୍ତତନ୍ତର ପରମ୍ପରାକୁ ଆଗେଇ ନେବା ଆମର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ। ପ୍ରତ୍ୟେକ ପ୍ରାଣରେ କଳାର ପ୍ରସାର ଓ ବିକାଶ ପାଇଁ ଆମେ ଅଙ୍ଗୀକାରବଦ୍ଧ ବୋଲି କହିଛନ୍ତି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ସପ୍ତମ କଳାଭୂମି ଉତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଏହା କହିଛନ୍ତି। ବିଭାଗୀୟ କମିସନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ଏହି ଅବସରରେ କାରିଗର ଓ ବୁଣାକାରଙ୍କ ମଙ୍ଗଳ ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିବାବେଳେ ରାଜ୍ୟର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରତୀକ କଳାଭୂମି ସାଜିଛି ବୋଲି ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କହିଥିଲେ। ପ୍ରାରମ୍ଭରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ମଧୁମିତା ରଥ ସ୍ୱାଗତଭାଷଣ ଦେଇଥିବାବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାଶ୍ୱତ ବରିଷ୍ଠ ନାଗରିକ ସଂଘର ମାସିକ ଆସର



ଭୁବନେଶ୍ୱର, ୨୬।୩(ସମିସ): ଶାଶ୍ୱତ ବରିଷ୍ଠ ନାଗରିକ ସଂଘ, ପଟିଆର ମାସିକ ଆସର ଗାଡ଼କଣସ୍ଥିତ ଆଦୃତା ଶିଶୁ ସଦନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଜୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆକଶବାଣୀ, ଜୟପୁରର ପୂର୍ବତନ କେନ୍ଦ୍ର ମୁଖ୍ୟ ଗୌର ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ବରିଷ୍ଠ ଜୀବନର ମହତ୍ୱ, ସମାଜ ପାଇଁ କର୍ତ୍ତବ୍ୟ ତଥା ଦୈନିକ ଜୀବନଯାପନ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଶାରୀରିକ, ମାନସିକ ତଥା ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଡ. ହେମନ୍ତ କୁମାର ଦାସ, କୈଳାସ ନାଥ ଦାସ, ବିନୋଦିନୀ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂଘର ସେକ୍ରେଟାରୀ ତାରାଚାନ୍ଦ ମହନ୍ତୋ ବିବରଣୀ ପାଠ କରିଥିବାବେଳେ ସନ୍ତୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଟିବି ଚାମ୍ପିଅନ କର୍ମଚାରୀ ମହାସଂଘ ପକ୍ଷରୁ ପାରିଶ୍ରମିକ ବୃଦ୍ଧି ଦାବି

ଭୁବନେଶ୍ୱର, ୨୬।୩(ସମିସ): ଯକ୍ଷ୍ମା ରୋଗକୁ ହ୍ରାସ କରିବା ପାଇଁ ୨୦୧୮ରୁ ଟିବି ଚାମ୍ପିଅନ୍ କର୍ମଚାରୀମାନେ କାର୍ଯ୍ୟ କରିଆସୁଛନ୍ତି। ହେଲେ ସରକାରଙ୍କ ଅଧୀନରେ ଥିବା କାର୍ଯ୍ୟରତ କର୍ମଚାରୀମାନେ ବାରମ୍ବାର ନିଜ ଦାବି ଜଣାଇ ଆସୁଥିଲେ ହେଁ କୌଣସି ସୁଫଳ ମିଳିପାରୁ ନ ଥିବା ସଂଘ ପକ୍ଷରୁ କୁହାଯାଇଛି। କାର୍ଯ୍ୟ ବୃଦ୍ଧି, ପାରିଶ୍ରମିକ ୩୫୦୦ ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି, କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟବୀମା ଅନ୍ତର୍ଭୁକ୍ତ କରିବା, କର୍ମଚାରୀମାନଙ୍କ ଏମ୍ପ୍ଲୋଇ ପ୍ରୋଭିଜନ୍ ଫଣ୍ଡର ବ୍ୟବସ୍ଥା, ସରକାରୀ ଓ ବେସରକାରୀ ୩ୟ ଓ ୪ର୍ଥ ଶ୍ରେଣୀ ପାଇଁ ଯୋଗ୍ୟତା ଅନୁଯାୟୀ ପ୍ରାଧାନ୍ୟ ଦେବା ଭଳି ଦାବିକୁ ଗୁରୁତ୍ୱ ଦେଇ ଯଥାଶୀଘ୍ର ଏଥିପ୍ରତି ପଦକ୍ଷେପ ନେବାକୁ ଅନୁରୋଧ କରିଛି ସଂଘ।



# ପଦ୍ମଶ୍ରୀ ପ୍ରତିଭା ଶତପଥିଙ୍କୁ 'ନବୀନ ସୂତ୍ରଧର କବିତା ସମ୍ମାନ'



ଭୁବନେଶ୍ୱର, ୨୬।୩(ସମିସ): ନବୀନ ସୂତ୍ରଧର ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ କବୟିତ୍ରୀ ତଥା ପଦ୍ମଶ୍ରୀ ପ୍ରତିଭା ଶତପଥିଙ୍କୁ 'ନବୀନ ସୂତ୍ରଧର କବିତା ସମ୍ମାନ' ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ବିଶ୍ୱ କବିତା ଦିବସ ଆୟୋଜନ କରାଯିବା ସହ ଚଳିତ ବର୍ଷ ଉଭୟ କବି ଶ୍ରୀମତୀ ଶତପଥି ଓ ବିଶିଷ୍ଟ ଗୀତିକାର ଗୌର ପଟ୍ଟନାୟକଙ୍କୁ ଏହି ପୁରସ୍କାର ପ୍ରଦାନ ନିମନ୍ତେ ଘୋଷଣା ହୋଇଥିଲା। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଥିବାବେଳେ ଶାରୀରିକ ଅସୁସ୍ଥତା ଯୋଗୁଁ ଶ୍ରୀମତୀ ଶତପଥି ଯୋଗଦେଇପାରି ନ ଥିବାରୁ ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ, ଉପଦେଷ୍ଟା କବି ରକ୍ଷକ ନାୟକ, ପ୍ରକାଶକ ସୁଧୀର ମଉଡ଼ମଣି ଓ ଟ୍ରଷ୍ଟର ସଦସ୍ୟ ରାକେଶ ରାଉଳ ପ୍ରମୁଖ କବିଙ୍କ ବାସଭବନରେ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ଶତପଥି ଏଭଳି ଏକ ଉତ୍ସବ ଆୟୋଜନ କରିବା ଓ କବିଙ୍କୁ ସମ୍ମାନିତ କରିବା ନେଇ ଖୁସିବ୍ୟକ୍ତ କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଆୟୋଜିତ କବିତା ପାଠୋତ୍ସବରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ କବି ଫନି ମହାନ୍ତି, ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ରର ନିର୍ଦ୍ଦେଶକ ତଥା ବିଶିଷ୍ଟ ସମାଲୋଚକ ଡ. ବସନ୍ତ କୁମାର ପଣ୍ଡା, କବୟିତ୍ରୀ ମମତା ଦାସ, କବି ସୂର୍ଯ୍ୟ ମିଶ୍ର ଓ ରକ୍ଷକ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଟିପିସିଓଡିଏଲ୍ ପକ୍ଷରୁ ସିଉଳା ଫିଡର୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୩(ସମିସ): ଲୋକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଉତ୍ତରା ଛକଠାରେ ଆଧୁନିକ ଜ୍ଞାନ କୌଶଳରେ ନିର୍ମିତ ୩୩ କେଭି ସିଉଳା ଫିଡର୍ ଉଦ୍‌ଘାଟିତ ହୋଇଛି। ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ଉତ୍ତରା ଆର୍‌ଆଇ ଛକଠାରୁ ସିଉଳା ପର୍ଯ୍ୟନ୍ତ ନୂତନ ଫିଡର୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ୬ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉନ୍ନତ ବିଦ୍ୟୁତ୍ ସେବା ପାଇପାରିବେ। ପୂର୍ବରୁ ଏହି ଅଞ୍ଚଳରେ ଗୋଟିଏ ଭୂତଳ ଫିଡର୍ ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ହେଉଥିଲା। କୌଣସି କାରଣରୁ ଏଥିରେ ତ୍ରୁଟି ଉପୁଜିଲେ ମରାମତି ପାଇଁ ଅଧିକ ସମୟ ଲାଗୁଥିଲା। ନୂତନ ଫିଡର୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଖୁବ୍ କମ୍ ସମୟ ମଧ୍ୟରେ ମରାମତି କରି ପୁନଃସେବା ଯୋଗାଇ ଦିଆଯାଇ ପାରିବ। ସେହିପରି ଏହି ଫିଡର୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଅଞ୍ଚଳର ଭୋଲ୍‌ଟେଜ୍ ସମସ୍ୟାର ସମାଧାନ ହୋଇପାରିଛି।



# ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ରରେ ଆଲୋଚନାଚକ୍ର

ଭୁବନେଶ୍ୱର, ୨୬।୩(ସମିସ): ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ରରେ 'ସାରଳା ମହାଭାରତର ଭାଷାତାତ୍ତ୍ୱିକ ବିଶ୍ଳେଷଣ ଓ ଧ୍ୱନ୍ୟାତ୍ମକ ଶବ୍ଦ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଭାଷାବିଜ୍ଞାନୀ, କାନପୁର ଆଇଆଇଟିର ପୂର୍ବତନ ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ପଣ୍ଡା, ଯତୀନ୍ଦ୍ର କୁମାର ନାୟକ, ମନୋରଞ୍ଜନ ପ୍ରଧାନ, ଡ. ରଞ୍ଜନ କୁମାର ଦାସ, ଡ. ଜ୍ୟୋତ୍ସ୍ନାମୟୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଡ. ଅମ୍ବରୀଶ ଶତପଥୀ ଓ ଡ. ମନସା ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଠୋଇ।

# ଇଟିକିଲି ମିଟିକିଲି ପ୍ରତିଯୋଗିତା ପାଇଁ ନାମ ପଞ୍ଜୀକରଣ

ଭୁବନେଶ୍ୱର, ୨୬।୩(ସମିସ): ଚଳିତ ବର୍ଷ ମଧ୍ୟ ୩୦ତମ ଇଟିକିଲି ମିଟିକିଲି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଯେକୌଣସି ବିଦ୍ୟାଳୟ ଅଥବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢ଼ୁଥିବା ଛାତ୍ରଛାତ୍ରୀମାନେ ଧାର୍ଯ୍ୟ ପ୍ରବେଶିକା ଦେୟ ସହ ଆଗାମୀ ୧୫ ଦିନ ମଧ୍ୟରେ ନାମ ପଞ୍ଜୀକରଣ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ପ୍ରଥମ କାର୍ଯ୍ୟକ୍ରମ ଚିତ୍ରାଙ୍କନ ପ୍ରତିଯୋଗିତା ଆସନ୍ତା ଏପ୍ରିଲ ୨୭ ତାରିଖ ସକାଳେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ଠାରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ମୁଁ ବି ଜଣେ ପାଠକ କ୍ରମରେ ପଢ଼ିଥିବା ଓଡ଼ିଆ ଭାଷାର ଏକ ପିଲାଙ୍କ ବହି ବିଷୟରେ କହିବା, ଓଡ଼ିଆ ସମ୍ବାଦପାଠ, ଓଡ଼ିଆ କବିତା ଆବୃତ୍ତି, ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଭିତ୍ତିକ ନୃତ୍ୟ, କଣ୍ଠ ସଙ୍ଗୀତ ଓ ନୃତ୍ୟର ବିଶେଷ କାର୍ଯ୍ୟକ୍ରମ ନାଦମ୍ବିକା ଇତ୍ୟାଦି ପ୍ରତିଯୋଗିତା ମେ' ୧୦, ୧୧ ଓ ୧୨ ତାରିଖରେ ରସୁଲଗଡ଼ ଛକ ନିକଟବର୍ତ୍ତୀ ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଅଡିଟୋରିଅମ୍‌ଠାରେ ଅନୁଷ୍ଠିତ ହେବ।

# କବିସୂର୍ଯ୍ୟଙ୍କ ଚମ୍ପୁ ଓଡ଼ିଆ ବାଣୀଭଣ୍ଡାରର ଅମୂଲ୍ୟ ରତ୍ନ



ଓଡ଼ିଆ ସାହିତ୍ୟ ସମାରୋହର ତୃତୀୟ ଦିବସ

ଭୁବନେଶ୍ୱର, ୨୬।୩(ସମିସ): ସଙ୍ଗୀତ ଚମ୍ପୁ ସର୍ଜନାରେ ଚମକ ସୃଷ୍ଟି କରିଥିବା କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନାବଳୀ ଓଡ଼ିଆ ବାଣୀଭଣ୍ଡାରର ଅମୂଲ୍ୟରତ୍ନ। ତାଙ୍କ ସାହିତ୍ୟ ସୃଷ୍ଟିରେ ଓଡ଼ିଆ, ସଂସ୍କୃତ, ହିନ୍ଦୀ, ବଙ୍ଗଳା, ତେଲୁଗୁ ଭାଷାର ପ୍ରୟୋଗ ଅଦ୍ଭୁତ ଓ ଅନନ୍ୟ ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ'ର ରୌପ୍ୟ ଜୟନ୍ତୀ ଅବସରରେ ଗୀତଗୋବିନ୍ଦ ସଦନଠାରେ ପଞ୍ଚଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହର 'ସୂର୍ଯ୍ୟବିଭା' ଶୀର୍ଷକ ତୃତୀୟ ଦିବସ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବରେ ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ତଥା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କବିସୂର୍ଯ୍ୟ ବଳଦେବଙ୍କ ସଙ୍ଗୀତ ଓ ସାହିତ୍ୟ ସର୍ଜନାରେ ଥିବା ସାରସ୍ୱତ ପଟୁତାର ଅବତାରଣା କରିଥିଲେ। ଅନ୍ୟତମ ଅତିଥି ଭାବରେ ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ କବି ବଳଦେବଙ୍କ ସଂସ୍କୃତ ପାଣ୍ଡିତ୍ୟ ଏବଂ ଓଡ଼ିଆ ଭାଷାବୈଭବର ବିଶ୍ଳେଷଣ କରିବା ସହିତ ଅନୁଷ୍ଠାନର ସମୃଦ୍ଧିକାମନା କରିଥିଲେ। ସେହିପରି ଭଞ୍ଜନଗର ନିବାସୀ ସାହିତ୍ୟ ଗବେଷକ ଡ. ସୁରେଶ ଚନ୍ଦ୍ର ପଣ୍ଡା କବିସୂର୍ଯ୍ୟଙ୍କ ସାହିତ୍ୟରେ ଥିବା ରସ, ରାଗ ଓ ରୀତିର ବର୍ଣ୍ଣନା କରିଥିବାବେଳେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଗବେଷିକା ଡ. ହିମାଦ୍ରିତନୟା ମିଶ୍ର ବଳଦେବଙ୍କ ରଚନାବଳୀରେ ଥିବା ଭାଷା ଓ ଅଳଙ୍କାର ସମ୍ପର୍କରେ ଆଲୋଚନା କରିଥିଲେ। ଭଞ୍ଜଭାରତୀର ସଭାପତି ଡ. କୃଷ୍ଣକେଶବ ଷଡ଼ଙ୍ଗୀ କବିସୂର୍ଯ୍ୟଙ୍କ ସ୍ତୁତିମୂଳକ ରଚନାବଳୀର ବିଶଦ୍ ବ୍ୟାଖ୍ୟା ସହ ସେଥିରେ ଥିବା ଆଧ୍ୟାତ୍ମିକତତ୍ତ୍ୱ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ 'ନାଦବ୍ରହ୍ମ' ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ଦ୍ୱାରା ଚମ୍ପୁ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଭଞ୍ଜଭାରତୀର ସଦସ୍ୟ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ଗତିକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦିକା ଶୁଭଶ୍ରୀ ମିଶ୍ର, କୋଷାଧ୍ୟକ୍ଷା ଶୈଳଜା ମିଶ୍ର, ସଦସ୍ୟ ଦିଲ୍ଲୀପ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ସମାରୋହ ଆସନ୍ତା ୨୮ ତାରିଖ ଯାଏଁ ଚାଲିବ।

# ସୋଆ ଭେଟେରିନାରୀ କଲେଜରେ ୫ ଦିନିଆ ତାଲିମ ଶିବିର



ଭୁବନେଶ୍ୱର, ୨୬।୩(ସମିସ): ରାଜ୍ୟ ସରକାରଙ୍କ ଅଧୀନସ୍ଥ ଭେଟେରିନାରୀ ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଭୋଟି), ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ଓ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍)ର ମିଳିତ ଆନୁକୂଲ୍ୟରେ ଆଇଭିଏସ୍‌ଏଏଚ୍ ପରିସରରେ ୫ଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୨ଜଣ ପ୍ରାଣୀ ଚିକିତ୍ସକ ଓ ବିଶେଷଜ୍ଞଙ୍କୁ ନେଇ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ଏଥିରେ ପଶୁପକ୍ଷୀମାନଙ୍କ ମଧ୍ୟରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗ ନିରାକରଣ ଓ ଚିକିତ୍ସା ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ତାଲିମ ପ୍ରଦାନ କରାଯାଉଛି। ପ୍ରାରମ୍ଭରେ ଆଇଭିଏସ୍‌ଏଏଚ୍‌ର ଡିନ୍ ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ସ୍ୱାଗତଭାଷଣ ଦେଇଥିଲେ। ଭେଟେରିନାରୀ ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ଡେପୁଟି ଡାଇରେକ୍ଟର ଡ. ରାଜୀବ ଶର୍ମା ଯୋଗଦେଇ କହିଥିଲେ ଯେ ଆସିଷ୍ଟାନ୍ସ ଟୁ ଷ୍ଟେଟ୍ସ ଫର୍ କଣ୍ଟ୍ରୋଲ ଅଫ୍ ଆନିମଲ୍ ଡିଜିଜେସ୍ ଅଧୀନରେ ଆଧୁନିକ ପଦ୍ଧତିରେ ପ୍ରାଣୀ ରୋଗର ସଠିକ୍ ଚିକିତ୍ସା ଏହି ଉଦ୍ୟମର ମୂଳ ଉଦ୍ଦେଶ୍ୟ। ସୋଆ ଆଇଭିଏସ୍‌ଏଏଚ୍‌ରେ ଥିବା ଅତ୍ୟାଧୁନିକ ଲାବୋରେଟୋରୀ, ପରୀକ୍ଷଣ କେନ୍ଦ୍ର, ଟେଷ୍ଟିଂ ଲାବୋରେଟୋରୀ ତାଲିମ ନିମନ୍ତେ ସାହାଯ୍ୟ କରିବ ବୋଲି ଡା. ଶର୍ମା କହିଥିଲେ। ଶେଷରେ ପ୍ରଫେସର ଡ. ତାପସ କୁମାର ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ।

